ଷୋଡ଼ଶ ବର୍ଷରେ ପଦାର୍ପଣ

ଶିକ୍ଷା, ସଂସ୍କୃତି ଓ ପ୍ରଗତିଭିତ୍ତିକ ସମ୍ବାଦପତ୍ର

Tejaswini

ତେଜସ୍ୱିନୀ

Page - 08 Rs. 7.00

ବର୍ଷ-୧୬, ସଂଖ୍ୟା-୪୧, ଭୁବନେଶ୍ୱର: ଅକ୍ଟୋବର ୨୦-୨୬, ୨୦୨୫ Vol-16, Issue-41, Bhubaneswar : October 20-26, 2025

RNI NO.ODIODI/2010/33715

# ନୂଆପଡ଼ା ଦେଖିବ ଡବଲ୍ ଇଞ୍ଜିନ୍ ସରକାରର ବିକାଶର ଗତି: ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର:** ନୂଆପଡ଼ା ରାଜନୈତିକ ଇତିହାସରେ ଏକ ନୂଆ ଫର୍ଦ୍ଦ ଯୋଡ଼ି ହେବାକୁ ଯାଉଛି। କେବଳ ନୂଆପଡ଼ା ନିର୍ବାଚନମଣ୍ଡଳୀ ନୁହେଁ, ସମଗ୍ର ନୂଆପଡ଼ା ଜିଲ୍ଲାର ଜଣେ ଲୋକପ୍ରିୟ ଜନପ୍ରତିନିଧିଙ୍କ ସୁଯୋଗ୍ୟ ଦାୟାଦ ଆଜି ତାଙ୍କ ପିତାଙ୍କ ଅଧୁରା ସ୍ୱପ୍ନକୁ ପୁରଣ କରିବା ପାଇଁ ଭାରତୀୟ ଜନତା ପାର୍ଟିର ପରିବାରରେ ସାମିଲ ହୋଇଛନ୍ତି। ନୂଆପଡ଼ା ଦେଖିବ ଡବଲ୍ ଇଞ୍ଜିନ୍ ସରକାରର ବିକାଶର ଗତି। ନୂଆପଡ଼ାର ବିକାଶର ଦାୟିତ୍ୱ ମୁଁ ନେଇଛି। ଏହି ଜିଲ୍ଲାକୁ ରାଜ୍ୟର ବିକଶିତ ଓ ଶ୍ରେଷ୍ଠ ଜିଲ୍ଲା ପରିଣତ କରାଯିବ। ଏହି ପରିପ୍ରେକ୍ଷୀରେ ଗତ ୬ ତାରିଖ ଦିନ ଜିଲ୍ଲା ଗସ୍ତ ଅବସରରେ ୧୧୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ପ୍ରକଳ୍ପଗୁଡ଼ିକର ଶିଳାନ୍ୟାସ ହୋଇଛି। ଗୋଟିଏ ଦିନରେ ଗୋଟିଏ ଜିଲ୍ଲାରେ ଏତେ ଟଙ୍କାର ପ୍ରକଳ୍ପ ଆଗରୁ କେବେ ହୋଇନଥିଲା। ଏହା ହେଉଛି ଆମ ସରକାରଙ୍କ ପ୍ରତିବଦ୍ଧତା ଓ ବ୍ୟକ୍ତିଗତ ଭାବେ ମୋର ଉତ୍ତରଦାୟିତ୍ୱ। ନୂଆପଡ଼ାରେ ଅନୁଷ୍ଠିତ ବିଜୟ ସଂକଳ୍ପ ସମାବେଶରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି, ବିଭିନ୍ନ ଦଳରୁ ହଜାର ହଜାର କର୍ମୀଙ୍କ ସହିତ ଅନେକ ଦଳୀୟ ନେତା ନିଜ ନିଜ ଦଳ ତ୍ୟାଗ କରି



ପ୍ରଧାନମନ୍ତ୍ରୀ ମାନନୀୟ ନରେନ୍ଦ୍ର ମୋଦୀଙ୍କ ବିଚାର ଓ ବିକାଶ କାର୍ଯ୍ୟରେ ପ୍ରଭାବିତ ହୋଇ ବିଜେପିରେ ଯୋଗଦାନ କରିଛନ୍ତି। ଏତେ ସଂଖ୍ୟକ କର୍ମୀ ଗୋଟିଏ ଦଳ ଛାଡ଼ି ବିଜେପିରେ ମିଶିବା ହୁଏତ ପୂର୍ବରୁ କେବେ ହୋଇନଥିଲା। ଏହା ମୋତେ ଅଭିଭୂତ କରିଛି। ଆପଣମାନଙ୍କ ପରିଶ୍ରମ ଓ ତ୍ୟାଗ କେବଳ ବିଜେପି ନୁହେଁ, ବରଂ ରାଷ୍ଟ୍ର ଗଠନ ଦିଗରେ ଏକ ବଳିଷ୍ଠ ପଦକ୍ଷେପ ହେବ। ସମସ୍ତ ନୂତନ ସଦସ୍ୟଙ୍କୁ ସ୍ୱାଗତ ଜଣାଇବା ଅବସରରେ ନୂଆପଡ଼ା ଉପନିର୍ବାଚନ ଫଳାଫଳ ବିଜେପି ସପକ୍ଷରେ ଯିବ ଏବଂ ଏହାକୁ ନେଇ କାହା ମନରେ ଦ୍ୱନ୍ଦ୍ୱ କି ସନ୍ଦେହ ରହିବା କଥା ନୁହେଁ। ଶ୍ରୀ ମାଝୀ କହିଛନ୍ତି ଯେ ରାଜ୍ୟରେ ବିଜେପି ଶାସନକୁ ଆସିବା ପରେ ଧାନ କ୍ୱିଣ୍ଟାଲ୍ ପିଛା ୮୦୦ ଟଙ୍କା ପ୍ରଦାନ ଏବଂ ସୁଭଦ୍ରା ଯୋଜନା ପାଇଁ ପାଞ୍ଚ ବର୍ଷକୁ ୫୦ ହଜାର ଟଙ୍କା ପ୍ରଦାନ ଯୋଗୁ ନୂଆପଡ଼ା ଜିଲ୍ଲାରୁ ଦୁଇ ଲକ୍ଷ ଚାଷୀ ଏବଂ ୧ ଲକ୍ଷ ୫୫ ହଜାର ମା' ସୁଭଦ୍ରା ଯୋଜନାରୁ ଉପକୃତ ହୋଇଛନ୍ତି। ବିଜୟ ସଂକଳ୍ପ ସମାବେଶରେ ଯୋଗଦେଇ ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି, ବିଜେପି ପ୍ରାର୍ଥୀ ଜୟ ଢୋଲକିଆଙ୍କୁ ବିଜୟ କରିବା ପାଇଁ ସଂକଳ୍ପ ନେବାକୁ ଲୋକ ଆସିଛନ୍ତି। ଆମେ ଅକ୍ଳାନ୍ତ ପରିଶ୍ରମ କରି ଏଥର ବୃହତ ଓ ରେକର୍ଡ ବ୍ୟବଧାନରେ ବିଜୟୀ ହେବୁ। ରାଜ୍ୟର ବିକାଶ ମୁଖ୍ୟମନ୍ତ୍ରୀଙ୍କ ହାତରେ ହେଉଛି। ଆମେ ଯାହା କହିଛୁ ତାହା କରିଛୁ। ଚାଷୀ, ମହିଳାଙ୍କ ପାଇଁ ରାଜ୍ୟ ସମର୍ପିତ। ୧୧୧୦ କୋଟି ଟଙ୍କା ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ବିଜେପି ପ୍ରାର୍ଥୀ ଜୟ ଢୋଲକିଆ କହିଛନ୍ତି, ମୋର ବାପା ସ୍ୱର୍ଗତ ରାଜୁ ଭାଇ ଢୋଲକିଆଙ୍କ ଯେଉଁ ପ୍ରତିଜ୍ଞା ଥିଲା ତାକୁ ଗାଁ ନେବା ପାଇଁ ବିଜେପିରେ ସାମିଲ ହୋଇଛି। ମୋର ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ମୁଁ ସମାଜ ସେବା ଜାରି ରଖିବି। ସବୁଦିନ ପାଇଁ ମୋ ଘର ଦ୍ୱାର ଆପଣଙ୍କ ପାଇଁ ଖୋଲା ରହିବ ବୋଲି ସେ ସ୍ପଷ୍ଟ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ଓଡ଼ିଶା ପ୍ରଭାରୀ ବିଜୟ ପାଲ ସିଂ ତୋମାର, ସହ ପ୍ରଭାରୀ ଲତା ଉସେଣ୍ଡୀ, ଉପମୁଖ୍ୟମନ୍ତ୍ରୀ କେଭି ସିଂ ଦେଓ, ପୂର୍ବତନ ସାଂସଦ ତଥା ପୂର୍ବତନ ରାଜ୍ୟ ସଭାପତି ବସନ୍ତ ପଣ୍ଡା, ସାଂସଦ ମାଳବିକା ଦେବୀ, ରାଜ୍ୟସଭା ସାଂସଦ ସୁଜିତ କୁମାର, ମନ୍ତ୍ରୀ ସୁରେଶ ପୂଜାରୀ, ମନ୍ତ୍ରୀ ରବି ନାଏକ, ମନ୍ତ୍ରୀ ମୁକେଶ ମହାଲିଙ୍ଗ, ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ମନ୍ତ୍ରୀ ଗଣେଷରାମ ସିଂ ଖୁଣ୍ଟିଆ, ମନ୍ତ୍ରୀ ବିଭୂତି ଜେନା, ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର, ବିଧାୟକ ଜୟନାରାୟଣ ମିଶ୍ର, ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ ପ୍ରଧାନ, ସମସ୍ତ ବିଧାୟକ ଗଣ, ସମସ୍ତ ପୂର୍ବତନ ବିଧାୟକ ଓ ସାଂସଦ ଗଣ, ଯଦୁମଣି ପାଣିଗ୍ରାହୀ, ପ୍ରସନ୍ନ ପାଢୀ, ହୋମସିଂ ମାଝୀ, ଅଭିନନ୍ଦନ ପଣ୍ଡା, ଖରିଆର ରୋଡ ଏନଏସି ଅଧ୍ୟକ୍ଷା ଡା.ସୋନିଆ ଜୈନ, ସ୍ୱର୍ଗତଃ ରାଜେନ୍ଦ୍ର ଢୋଲକିଆଙ୍କ ଧର୍ମପତ୍ନୀ କଳ୍ପନା ଢୋଲକିଆ ପ୍ରମୁଖ ଉପସ୍ଥିତ ଥିଲେ।

## ହାଇଦ୍ରାବାଦ୍‌ରେ ଓଡ଼ିଆ ମହିଳାଙ୍କୁ ଦୁଷ୍କର୍ମ ଓ ହତ୍ୟା ଅଭିଯୋଗ

ହାଇଦ୍ରାବାଦ୍: ହାଇଦ୍ରାବାଦର କୋମପାଲି ଅଞ୍ଚଳରେ ଜଣେ ୨୬ ବର୍ଷୀୟା ଓଡ଼ିଆ ମହିଳାଙ୍କୁ ଦୁଷ୍କର୍ମ ପରେ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ପୀଡ଼ିତାଙ୍କ ନାମ ଅନିନ୍ଦିତା ମହନ୍ତ ଏବଂ ସେ ଭୁବନେଶ୍ୱରର ଭରତପୁର ଅଞ୍ଚଳର ସ୍ଥାୟୀ ବାସିନ୍ଦା। ଅନିନ୍ଦିତାଙ୍କ ଶାଶୂଘର ଖୋର୍ଦ୍ଧା ବାଣପୁରରେ ବୋଲି ଜଣାପଡ଼ିଛି। ଅନିନ୍ଦିତା ମହନ୍ତ ପେସାରେ ଜଣେ ଶିକ୍ଷୟିତ୍ରୀ ହୋଇଥିବା ବେଳେ ତାଙ୍କ ସ୍ୱାମୀ ଗୌତମ ଘଡ଼େଇ ହାଇଦ୍ରାବାଦ୍‌ରେ ଏକ ଘରୋଇ ବୈଦ୍ୟୁତିକ କମ୍ପାନୀରେ ରକ୍ଷଣାବେକ୍ଷଣା ବିଭାଗରେ କାମ କରୁଥିଲେ। ତେବେ ଅଧିକ ଅର୍ଥ ରୋଜଗାର ଉଦ୍ଦେଶ୍ୟରେ ଗତ ୬ମାସ ତଳେ ଅନିନ୍ଦିତା ନିଜ ୪ ବର୍ଷର ପୁଅକୁ ଧରି ହାଇଦ୍ରାବାଦ୍ ଚାଲିଯାଇଥିଲେ ଏବଂ ନିଜ ସ୍ୱାମୀ ଗୌତମଙ୍କ ସହ ରହୁଥିଲେ। ଅନିନ୍ଦିତା ମଧ୍ୟ ଗୌତମଙ୍କ କମ୍ପାନୀ ଦ୍ୱାରା ପରିଚାଳିତ ଏକ ସ୍କୁଲ୍‌ରେ ଶିକ୍ଷକତା କରୁଥିଲେ ଏବଂ କମ୍ପାନୀ କର୍ମଚାରୀଙ୍କ ପିଲାମାନଙ୍କୁ ପଢ଼ାଉଥିଲେ। ଉଭୟ ଭରତପୁର ଏବଂ ବାଣପୁର ଥାନାରେ ରୁଜୁ ଅଭିଯୋଗ ଅନୁଯାୟୀ ଅକ୍ଟୋବର ୧୧ରେ ଗୌତମ ପାସ୍‌ପୋର୍ଟ ସମ୍ବନ୍ଧୀୟ କାମ ପାଇଁ ତାଙ୍କ ପୁଅ ସହିତ ଭୁବନେଶ୍ୱର ଆସିଥିଲେ। ନିକଟରେ ଗୌତମଙ୍କର ଦୁବାଇସ୍ଥିତ ଏକ କମ୍ପାନୀରେ ଚୟନ ହୋଇଥିଲା। ଏହି କାରଣରୁ ସେ ପାସ୍‌ପୋର୍ଟ କାମ ପାଇଁ ଓଡ଼ିଶା ଆସିଥିଲେ। ଗୌତମଙ୍କର ପାସ୍‌ପୋର୍ଟ କାମ ସାରି ଶୀଘ୍ର ଫେରିବାକୁ ଯୋଜନା ଥିବାରୁ ଅନିନ୍ଦିତା ତାଙ୍କ ସହ ଓଡ଼ିଶା ନ ଆସି ବରଂ ହାଇଦ୍ରାବାଦସ୍ଥିତ ନିଜ ରୁମ୍‌ରେ ରହିବାକୁ ପସନ୍ଦ କରିଥିଲେ। ତେବେ ଏହି ସମୟରେ ହିଁ, ଅନିନ୍ଦିତାଙ୍କ ସହ ଏସବୁ ଘଟିଛି। ଗୌତମଙ୍କ ଅଭିଯୋଗ ଅନୁଯାୟୀ ତାଙ୍କ କମ୍ପାନୀର ଜଣେ ସହକର୍ମୀ ହିଁ ଅନିନ୍ଦିତାଙ୍କ ଏକା ରହିବାର ସୁଯୋଗ ନେଇ ଘରେ ପ୍ରବେଶ କରିଥିବା ଏବଂ ଯୌନ ନିର୍ଯାତନା ଦେବା ପରେ ତାଙ୍କୁ ଗଳାକାଟି ହତ୍ୟା କରିଥିବା ସେ ସନ୍ଦେହ କରୁଛନ୍ତି। ଗୌତମ ନିଜ ପତ୍ନୀଙ୍କ ହତ୍ୟାକାଣ୍ଡ ଘଟଣାରେ ସହଯୋଗ କରିବାକୁ ଓଡ଼ିଶା ସରକାରଙ୍କୁ ନିବେଦନ କରିଛନ୍ତି। ସେହିପରି ଅନିନ୍ଦିତାଙ୍କ ମା' ଖୋର୍ଦ୍ଧା ଜିଲ୍ଲାପାଳଙ୍କୁ ନ୍ୟାୟ ଭିକ୍ଷା କରିଛନ୍ତି।

## ୨୦୨୭ରେ ବିଧାନସଭା ନିର୍ବାଚନ: ପୁନର୍ଗଠିତ ହେଲା ଗୁଜରାଟ ମନ୍ତ୍ରିମଣ୍ଡଳ

ଗାନ୍ଧିନଗର: ଗୁଜରାଟରେ ନୂଆ ମନ୍ତ୍ରିମଣ୍ଡଳର ଶପଥ ଗ୍ରହଣ ସମାରୋହ ଅନୁଷ୍ଠିତ ହୋଇଛି। ମଧ୍ୟାହ୍ନ ପ୍ରାୟ ସାଢ଼େ ୧୨ଟା ସମୟରେ ଗାନ୍ଧୀନଗରର ମହାତ୍ମା ମନ୍ଦିରରେ ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହୋଇଛି। ମୁଖ୍ୟମନ୍ତ୍ରୀ ଭାବେ ଆଜି ପୁଣିଥରେ ଭୂପେନ୍ଦ୍ର ପଟେଲ ଶପଥ ଗ୍ରହଣ କରିଛନ୍ତି। ତେବେ ନୂଆ ମନ୍ତ୍ରୀମାନଙ୍କୁ ସେମାନଙ୍କ ପଦ ଓ ଗୋପନୀୟତାର ଶପଥ ପାଠ କରାଇଛନ୍ତି ରାଜ୍ୟପାଳ ଆଚାର୍ଯ୍ୟ ଦେବବ୍ରତ। ମୁଖ୍ୟମନ୍ତ୍ରୀଙ୍କ ପରେ ପ୍ରଥମ ମନ୍ତ୍ରୀ ସର୍ବପ୍ରଥମେ ଶପଥ ଗ୍ରହଣ କରିଛନ୍ତି ହର୍ଷ ସାଂଘଭି। ସେ ଉପମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଛନ୍ତି। ପୂର୍ବରୁ ସେ କ୍ୟାବିନେଟ୍‌ରେ ଗୃହମନ୍ତ୍ରୀ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ଏବେ ତାଙ୍କୁ ଉପମୁଖ୍ୟମନ୍ତ୍ରୀ କରାଯାଇଛି। ହର୍ଷଙ୍କ ସହ ମନ୍ତ୍ରିମଣ୍ଡଳରେ ସ୍ଥାନ ପାଇଥିବା ଅନ୍ୟ ସଦସ୍ୟମାନେ ମଧ୍ୟ ଶପଥ ନେଇଛନ୍ତି।

ପୂର୍ବରୁ ଗୁଜରାଟ କ୍ୟାବିନେଟ୍‌ରେ ମୁଖ୍ୟମନ୍ତ୍ରୀଙ୍କୁ ମିଶାଇ ମୋଟ୍ ୧୭ଜଣ ମନ୍ତ୍ରୀ ହିଁ ଥିଲେ। ଯେତେବେଳେ କି ଗୁଜରାଟ ବିଧାନସଭା ଆସନ (୧୮୨) ଅନୁସାରେ ସରକାରରେ ୨୭ଜଣ ମନ୍ତ୍ରୀ ରହିବାର ପ୍ରାବଧାନ ରହିଛି। ତେବେ ଏବେ ଯେତେବେଳେ ଗୁଜରାଟ ସରକାର ନିଜ କ୍ୟାବିନେଟ୍‌କୁ ସମ୍ପ୍ରସାରଣ କରିଛନ୍ତି ସେତେବେଳେ ନୂତନ କ୍ୟାବିନେଟ୍‌ରେ ମୁଖ୍ୟମନ୍ତ୍ରୀ ସମେତ ୨୭ ଜଣ ମନ୍ତ୍ରୀଙ୍କୁ ସାମିଲ କରାଯାଇଛି। କ୍ରିକେଟର୍ ରବୀନ୍ଦ୍ର ଜାଡେଜାଙ୍କ ପତ୍ନୀ ରିଭାବା ଜାଡେଜାଙ୍କୁ ମଧ୍ୟ ଏହି ନୂତନ କ୍ୟାବିନେଟ୍‌ରେ ସାମିଲ କରାଯାଇଥିବା ଜଣାପଡ଼ିଛି। ମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଥିବା ଅନ୍ୟ ବ୍ୟକ୍ତିଙ୍କ ମଧ୍ୟରେ ସ୍ୱରୂପଜୀ ଠାକୋର, ପ୍ରବୀଣ କୁମାର ମାଳି, ଋଷିକେଶ ପଟେଲ, ଦର୍ଶନା ୱାଘେଲା, କୁଓଁରଜୀ ବାଭାଲିଆ, ଅର୍ଜୁନ ମୋଧୱାଡିଆ, ପୁରୁଷୋତ୍ତମ ସୋଲଙ୍କି, ଜିତେନ୍ଦ୍ର ୱାଘାନି, ପ୍ରଫୁଲ ପାନଶେରିଆ ଏବଂ କାନୁଭାଇ ଦେଶାଇ ଅଛନ୍ତି।

ଗୁଜରାଟରେ ହଠାତ୍ ଏକ ବଡ଼ ରାଜନୈତିକ ହଲଚଲ୍ ଦେଖିବାକୁ ମିଳିଥିଲା। ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ରାଜ୍ୟ କ୍ୟାବିନେଟ୍‌ର ସମସ୍ତ ମନ୍ତ୍ରୀ ଇସ୍ତଫା ଦେବାକୁ ନିଷ୍ପତ୍ତି ନିଆଯାଇଥିଲା। ନିଷ୍ପତ୍ତି ପରେ ପରେ ସମସ୍ତ ୧୬ ମନ୍ତ୍ରୀ (ମୁଖ୍ୟମନ୍ତ୍ରୀଙ୍କ ବ୍ୟତୀତ) ନିଜ ଇସ୍ତଫା ପତ୍ର ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରିଥିଲେ। ମୁଖ୍ୟମନ୍ତ୍ରୀ ମଧ୍ୟ ସେସବୁ ଇସ୍ତଫା ପତ୍ରକୁ ଧରି ରାଜ୍ୟପାଳ ଆଚାର୍ଯ୍ୟ ଦେବବ୍ରତଙ୍କ ପାଖରେ ପହଞ୍ଚିଥିଲେ ଏବଂ କ୍ୟାବିନେଟ୍ ସମ୍ପ୍ରସାରଣ ସମ୍ପର୍କରେ ସୂଚନା ଦେଇଥିଲେ। ପ୍ରକାଶ, ୨୦୨୭ରେ ଗୁଜରାଟରେ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଛି। ଏହାପୂର୍ବରୁ ଏପ୍ରକାର କ୍ୟାବିନେଟ୍ ସମ୍ପ୍ରସାରଣ କରାଯାଇଛି। ଗୋଟିଏ ପଟେ ଆମ୍ ଆଦ୍‌ମୀ ପାର୍ଟି (ଆପ୍) ଗୁଜରାଟରେ ନିଜର ଖାତା ଖୋଲିସାରିଥିବା ବେଳେ ବିଜେପି ଏବେ ଅତ୍ୟନ୍ତ ସତର୍କ ହୋଇଉଠିଛି।

ନୂତନ ବିଜେପି ରାଜ୍ୟ ସଭାପତି ଜଗଦୀଶ ବିଶ୍ୱକର୍ମାଙ୍କ ନିଯୁକ୍ତିର କିଛି ଦିନ ପରେ ଗୁଜରାଟରେ କ୍ୟାବିନେଟ୍ ସମ୍ପ୍ରସାରଣ କରାଯାଇଛି। କିଛି ଦିନ ପୂର୍ବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବାସଭବନରେ ଏକ ଉଚ୍ଚସ୍ତରୀୟ ବୈଠକ ହେବା ପରେ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେପି ନଡ୍ଡା, ଗୃହମନ୍ତ୍ରୀ ଅମିତ ଶାହ, କେନ୍ଦ୍ରମନ୍ତ୍ରୀ ସି.ଆର୍. ପାଟିଲ ଗୁଜରାଟ ଗସ୍ତରେ ଆସିବା ଏବଂ ଏଠାରେ ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲଙ୍କ ସହ ଆଲୋଚନା କରିବା ପରେ ରାଜ୍ୟ ମନ୍ତ୍ରିମଣ୍ଡଳରେ ପରିବର୍ତ୍ତନ କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା।

## ୨୦୨୫-୨୬ରେ ୧୫୦୦ କୋଟି କାରବାର ଲକ୍ଷ୍ୟ

ଭୁବନେଶ୍ୱର: ଆଗାମୀ ୨୦୨୫-୨୬ ଆର୍ଥିକ ବର୍ଷରେ ୧୫୦୦ କୋଟି ଟଙ୍କାର ଆର୍ଥିକ କାରବାର ହାସଲ କରିବାକୁ ଲକ୍ଷ୍ୟ ନେଇ ଓଡ଼ିଶା ରାଜ୍ୟ ଆରକ୍ଷୀ ଗୃହ ନିର୍ମାଣ ଓ କଲ୍ୟାଣ ନିଗମ (ଓପିଏଚ୍‌ଡବ୍ଲ୍ୟୁସି) ଓଡ଼ିଶା ସରକାରଙ୍କ ଗୃହ ବିଭାଗ ସହିତ ଏକ ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷର ହୋଇଛି। ଗୃହ ବିଭାଗର ସମ୍ମିଳନୀ କକ୍ଷରେ ଏହି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ସ୍ୱରାଷ୍ଟ୍ର ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ଏବଂ ଓଡ଼ିଶା ରାଜ୍ୟ ଆରକ୍ଷୀ ଗୃହ ନିର୍ମାଣ ଓ କଲ୍ୟାଣ ନିଗମର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ସୌମେନ୍ଦ୍ର ପ୍ରିୟଦର୍ଶୀ ଏହି ବୁଝାମଣାପତ୍ରରେ ସ୍ୱାକ୍ଷର କରିଛନ୍ତି । ଓଡ଼ିଶା ରାଜ୍ୟ ଆରକ୍ଷୀ ଗୃହ ନିର୍ମାଣ ଓ କଲ୍ୟାଣ ନିଗମ, ଓଡ଼ିଶା ସରକାରଙ୍କ ରୌପ୍ୟ ମାନ୍ୟତାପ୍ରାପ୍ତ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଲାଭ ଅର୍ଜନ କରୁଥିବା ନିଗମ ଭାବେ କ୍ରମାଗତ ଅଭିବୃଦ୍ଧି ପ୍ରଦର୍ଶନ କରିଆସୁଛି। ଆର୍ଥିକ ବର୍ଷ ୨୦୨୩-୨୪ରେ ୧୦୯୦ କୋଟି ଟଙ୍କା ଏବଂ ଆର୍ଥିକ ବର୍ଷ ୨୦୨୪-୨୫ରେ ୧୩୬୬ କୋଟି ଟଙ୍କା କାରବାର ରେକର୍ଡ କରିଛି, ଯାହାକି ୨୫% ବାର୍ଷିକ ଅଭିବୃଦ୍ଧି ଦର୍ଶାଉଛି।

ତେଜସ୍ୱିନୀ

**ବିଶେଷ ଦୃଷ୍ଟି ଆକର୍ଷଣ**

- ଜିରୋ
- ଆଲ୍‌ଜିମର୍ସ
- ପୁରୁଣା ମାନବ ଖପୁରୀ
- ଡେନିମ୍ ଶାଢ଼ି ଫ୍ୟାଶନ୍

# ଶାସନ ବ୍ୟବସ୍ଥାରେ ଅନାସ୍ଥା

ଭାରତୀୟ ମୂଳ ସମ୍ବିଧାନରେ ଅନାସ୍ଥା ବ୍ୟବସ୍ଥା ଭଳି ଏକ ବ୍ୟବସ୍ଥା ନ ଥିବା ବେଳେ ପରବର୍ତ୍ତୀ ସମୟରେ ତାହାକୁ ଲୋକସଭାରେ ପାସ୍ କରାଯାଇ ଆଇନରେ ପରିଣତ କରାଯାଇଛି। ସେତେବେଳେ ଏହାର ଆଭିମୁଖ୍ୟ ଯାହା ଥିଲା ପରବର୍ତ୍ତୀ ସମୟରେ ଏହାର ମୂଲ୍ୟବୋଧ ସମ୍ପର୍କରେ ଅଦ୍ୟାବଧି ସମୀକ୍ଷା ହୋଇ ନ ଥିବା ଦେଖାଯାଏ। ଏବେ ଯଦି ଏହାର ପୁନଃ ମୂଲ୍ୟାୟନ କରାଯାଇପାରନ୍ତା ତେବେ ଅଶାନ୍ତ ରାଜନୈତିକ ବାତାବରଣ ପ୍ରଶମିତ ହୋଇପାରନ୍ତା। ଆମେ ଯଦି ଅନାସ୍ଥା ପ୍ରସଙ୍ଗ ଏବଂ ଦେଶ ବା ଜନତାଙ୍କ ସ୍ୱାର୍ଥକୁ ମିଶ୍ରିତ ଭାବେ ଦେଖିବା ତେବେ ଅତୀତରେ ଯାହା ନ ଥିଲା ତାହା ଏବେ ଦୃଶ୍ୟମାନ। ତାହା ହେଉଛି ମୁନାଫା, କଳାବଜାରି ଓ ବିରୋଧୀ ଶକ୍ତି ମିଶିଯାଇ ଏକ ମହାଶକ୍ତିରେ ପରିଣତ ହୋଇପାରୁଛନ୍ତି। ବିରୋଧୀ ଦଳ ମଧ୍ୟରୁ କିଣାବିକା ନୂଆକଥା ନୁହଁ। ଅନାସ୍ଥା ପାଇଁ ଏକ ସ୍ୱତନ୍ତ୍ର ବିଚାର ରହିଛି। ଯେତେବେଳେ ଦାୟିତ୍ୱରେ ଥିବା ସରକାର ବା ପରିଚାଳନା ବ୍ୟକ୍ତି ତା'ର ସାମର୍ଥ୍ୟ ହରାଇଥାଏ କିମ୍ବା ତା'ର ଦକ୍ଷତା ନ ଥିବା ଜଣାପଡ଼େ ଏବଂ ଉପୁଜୁଥିବା କୌଣସି ସମସ୍ୟାର ନିଷ୍ପତ୍ତି ନେଇ ନ ପାରେ ସେତେବେଳେ ଅନାସ୍ଥା ପ୍ରସ୍ତାବ ଆଣିବାର ଆବଶ୍ୟକତା ଦେଖାଯାଏ। ଏହି ପ୍ରସ୍ତାବ ଜାତୀୟ ସ୍ୱାର୍ଥ ଓ ଲୋକଙ୍କ ମତକୁ ପାଥେୟ କରି ପ୍ରସଙ୍ଗଟିକୁ ଉପସ୍ଥାପନ କରାଯାଇଥାଏ। ଏଥିରେ ନିଜ ଦଳୀୟ ସ୍ଥିତି ବା ପ୍ରତିପତି ପ୍ରଦର୍ଶନ ପାଇଁ ଆଦୌ ନୁହେଁ। ସରକାରଙ୍କ ବିଲ୍ ଯେତେବେଳେ ଲୋକସଭାରେ ପାସ୍ ନ ହୋଇ ପାରେ ସେତେବେଳେ ଅନାସ୍ଥା ଆସିବାର ନିୟମ ରହିଛି। ସଂଖ୍ୟା ଗରିଷ୍ଠତାକୁ ଭିତ୍ତି କରି ବିରୋଧୀ ଦଳର ଏକ ପ୍ରଚେଷ୍ଟା ବୋଲି କୁହାଯାଏ। ନିୟମ ୧୮୪/ଏ ଅନୁସାରେ ସରକାର ନିଜର ସଂଖ୍ୟା ଗରିଷ୍ଠତା ପ୍ରମାଣିତ କରି ନ ପାରିଲେ ବାଚସ୍ପତି ପଦକ୍ଷେପ ନିଅନ୍ତି। ସରକାରଙ୍କୁ ଏ କ୍ଷେତ୍ରରେ ଇସ୍ତଫା ଦେବାକୁ ପଡ଼େ ନଚେତ ଗୃହ ଭଙ୍ଗ କରିଦିଅନ୍ତି। ଜନସାଧାରଣ ଏଇଠି ପ୍ରଶ୍ନ ଉଠାନ୍ତି ଆମେ ତ ମତଦାନ କରି ସରକାର ଗଠନ କଲୁ, କିନ୍ତୁ ଆମ୍ଭମାନଙ୍କ ମତ ନ ନେଇ ସରକାର ଭାଙ୍ଗିଲା କେମିତି ? ଗଣତନ୍ତ୍ର କୁହେ ଲୋକମାନଙ୍କ ଦ୍ୱାରା, ଲୋକମାନଙ୍କ ପାଇଁ, ଲୋକମାନଙ୍କର, କିନ୍ତୁ ଏଠି ବ୍ୟତିକ୍ରମ ହେଲା କିପରି ? ନିର୍ବାଚିତ ପ୍ରତିନିଧିଙ୍କୁ ତାଙ୍କର ଅକାର୍ଯ୍ୟ ପାଇଁ ଫେରାଇ ଆଣିବା ଅଧିକାର ଯଦି ସମ୍ବିଧାନ ଲୋକଙ୍କୁ ଦେଇଥାଆନ୍ତା ତେବେ ଅନାସ୍ଥାର ଆବଶ୍ୟକତା ବୋଧହୁଏ ପଡ଼ି ନ ଥାଆନ୍ତା। କିନ୍ତୁ ଅନାସ୍ଥା ଯେତେବେଳେ ଆଇନରେ ପରିଣତ ହୋଇଯାଇଛି ତାକୁ ମାନିବାକୁ ପଡ଼ିବ ଏ ସମ୍ପର୍କରେ ଅଧିକାଂଶ ଲୋକମାନେ ଏବେ ବି ଜାଣି ନାହାନ୍ତି।

ତେବେ ଆସନ୍ତୁ ଜାଣିବା ଦେଶରେ ଅନାସ୍ଥାର ଇତିହାସ। ଭାରତରେ ପ୍ରଥମେ ପ୍ରଜା ସୋସାଲିଷ୍ଟ ପାର୍ଟିର ଲୋକସଭା ସଦସ୍ୟା ଆଚାର୍ଯ୍ୟ କୃପାଳିନୀ ୧୯୬୩ରେ ଭାରତ ଚାଇନା ଯୁଦ୍ଧ ପରେ ନେହେରୁଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଗତ କରିଥିଲେ। ୧୯୮୧-୮୨ରେ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ବହୁଥର ଅନାସ୍ଥାର ସମ୍ମୁଖୀନ ହୋଇଥିଲେ। ୧୯୬୪ରେ ସ୍ୱାଧୀନ ସଦସ୍ୟ ଏନ୍‌ସି ଚାଟାର୍ଜି ଓ ଅନ୍ୟମାନେ ଲାଲବାହାଦୁର ଶାସ୍ତ୍ରୀଙ୍କ ବିରୋଧରେ ୩ ଥର ଏବଂ ୧୯୯୯ରେ ଯଶୋବନ୍ତ ସିଂହ ଓ ଅନ୍ୟମାନେ ନରସିଂହ ରାଓଙ୍କ ବିରୋଧରେ ୩ ଥର, ୧୯୭୯ରେ ୱାଇ.ବି. ଚୌହାନ ମୋରାରଜୀ ଦେଶାଇଙ୍କ ବିରୋଧରେ ୨ ଥର, ୧୯୮୭ରେ ରାଜୀବ ଗାନ୍ଧୀ, ୨୦୦୩ରେ ସୋନିଆ ଗାନ୍ଧୀ ଅଟଳବିହାରୀ ବାଜପେୟୀଙ୍କ ବିରୋଧରେ ଏବଂ ନରେନ୍ଦ୍ର ମୋଦି ଥରେ ଲେଖାଏ ଅନାସ୍ଥାର ସମ୍ମୁଖୀନ ହୋଇଛନ୍ତି। ଏହିସବୁ ଅନାସ୍ଥା କାଟ ଖାଇଥିବା ବେଳେ ୧୨ ଜୁଲାଇ ୧୯୭୯ରେ ମୋରାରଜୀ ଦେଶାଇ ଇସ୍ତଫା ଦେ

ଇଥିଲେ। ପ୍ରଧାନମନ୍ତ୍ରୀ ଅଟଳବିହାରୀ ବାଜପେୟୀ ମିଳିତ ମନ୍ତ୍ରିମଣ୍ଡଳରେ ଥିବା ଯୋଗୁ ଆସ୍ଥା ଭୋଟରେ ଜିତି ନ ପାରି ଗୃହକୁ ଭଙ୍ଗ କରିଥିଲେ। ତେବେ ଏହି ଅନାସ୍ଥା ପ୍ରସଙ୍ଗଟି ଭାରତର ନୁହେଁ, ଏହା ପ୍ରଥମେ ସୃଷ୍ଟି ହୋଇଥିବା ଜର୍ମାନୀ ଦେଶରୁ ଆସିଛି। ଏହା ଏବେ ସ୍ପେନ, ହଙ୍ଗେରୀ, ଇସ୍ରାଏଲ, ପୋଲାଣ୍ଡ, ବେଲଜିୟମରେ ପ୍ରବର୍ତ୍ତିତ ହେବା ପରେ ଭାରତକୁ ଆସିଥିଲା। ଆମ ଭାରତୀୟ ସମ୍ବିଧାନରେ ପ୍ରଥମେ ଅନାସ୍ଥା ନିୟମ ନ ଥିଲା। ସମ୍ବିଧାନର ଧାରା ୭୫ରେ କେବଳ ସ୍ପଷ୍ଟୀକରଣ ଦିଆଯାଇଥିଲା ମନ୍ତ୍ରୀମାନେ ଲୋକସଭାରେ ପରସ୍ପର ଦାୟୀ ରହିବେ। ଏଭଳି ଆଇନକୁ ଆଖି ଆଗରେ ରଖି ପ୍ରଧାନମନ୍ତ୍ରୀ ଅଟଳବିହାରୀ ବାଜପେୟୀ ଦୂରଦୃଷ୍ଟି ସହ ୨୦୦୩ରେ ଏକ ମନ୍ତବ୍ୟ ଦେଇ କହିଥିଲେ, ରାଜନୈତିକ ଅସ୍ଥିରତା ଦୂର କରିବା ପାଇଁ ଭାରତରେ ସବୁବେଳେ ମିଳିତ ମନ୍ତ୍ରିମଣ୍ଡଳ ହେବା ଦରକାର। ସଂଖ୍ୟା ଗରିଷ୍ଠ ଦଳର ନେତା ପ୍ରଧାନମନ୍ତ୍ରୀ ହେବେ, ସେ ଅନ୍ୟମନ୍ତ୍ରୀମାନଙ୍କୁ ବିଭିନ୍ନ ଦଳରୁ ବାଛିବେ। ତାଙ୍କର ଏଭଳି ପ୍ରସ୍ତାବକୁ କେହି ଆଲୋଚନା କଲେ ନାହିଁ। ଏବେ ଓଡ଼ିଶା ବିଧାନସଭାରେ ସେହି ଅନାସ୍ଥାକୁ ନେଇ ଯେଉଁ ଯେଉଁ ତୁମ୍ବିତୋଫାନ ଦେଖାଗଲା ତାହା ଆପେଆପେ ଅଗ୍ରାହ୍ୟ ହୋଇଗଲା। ଓଡ଼ିଶା ବିଧାନସଭାରେ ମଧ୍ୟ ଦେଖାଯାଇଛି ପ୍ରଥମ ବିଧାନସଭାରେ ନବକୃଷ୍ଣ ଚୌଧୁରୀଙ୍କ ବିରୋଧରେ ୨ଟି, ୩ୟ ବିଧାନସଭାରେ ୧୯୬୧ରେ ବିଜୁ ପଟ୍ଟନାୟକଙ୍କ ବିରୋଧରେ ୩ଟି, ଚତୁର୍ଥ ବିଧାନସଭାରେ ୧୯୬୪ରେ ବୀରେନ ମିତ୍ରଙ୍କ ବିରୋଧରେ ୩ଟି, ୧୯୭୦ରେ ଆର୍.ଏନ୍. ସିଂଦେଓଙ୍କ ବିରୋଧରେ ଗୋଟିଏ, ୧୯୭୯ରେ ମୁଖ୍ୟମନ୍ତ୍ରୀ ନୀଳମଣି ରାଉତରାୟଙ୍କ ବିରୋଧରେ ଗୋଟିଏ, ୧୯୮୩ରେ ଜାନକୀ ପଟ୍ଟନାୟକଙ୍କ ବିରୋଧରେ ଦୁଇଟି, ୨୦୦୧ରେ ନବୀନ ପଟ୍ଟନାୟକଙ୍କ ବିରୋଧରେ ଦୁଇଥର ଅନାସ୍ଥାର ସମ୍ମୁଖୀନ ହୋଇଛନ୍ତି। ଓଡ଼ିଶା ବିଧାନସଭାରେ ସବୁବେଳେ ଅନାସ୍ଥା କାଟ ଖାଇଛି। ତେବେ ଦେଶ ତଥା ରାଜ୍ୟରେ ଯେତେଗୁଡ଼ିଏ ଅନାସ୍ଥା ପ୍ରସ୍ତାବ ଆସିଛି ତାହାଦ୍ୱାରା ଦେଶ ବା ରାଜ୍ୟର କି ଉନ୍ନତି ଘଟିଛି ? ଦେଖାଯାଇଛି ଦଳୀୟ ଆସ୍ଥା ପ୍ରକଟ ପାଇଁ, କେତେବେଳେ ଦୁଇଦଳ ମିଶି ନିଜର ଏକତା ସୃଷ୍ଟି, ଦୁର୍ନୀତି, ଅନୀତି ବିରୋଧରେ କଠୋର ଆଇନର ନମନୀୟତା, ସରକାରୀ ଦଳକୁ ଶ୍ରେୟ ନ ଦେବା, କ୍ଷମତାର ଲାଳସା ପାଇଁ ବିରୋଧୀ ଦଳ ପଞ୍ଜିପତି, ଶିଳ୍ପପତି ଓ କଳାବଜାରକାରୀଙ୍କ ଆବେଦନକ୍ରମେ ଏହିସବୁ ଅନାସ୍ଥା ପ୍ରସ୍ତାବ ଆଗତ ହୋଇଛି। ଗୃହର ଅଯଥା ସମୟ, ଅର୍ଥ, ଶକ୍ତି ବ୍ୟୟ ହେଉଥିବା ଦେଖିବାକୁ ମିଳୁଛି। ତେବେ ଆଇନ ବିଶାରଦ, ରାଜନୀତିଜ୍ଞ, ସମ୍ବିଧାନ ସମୀକ୍ଷକମାନେ ଏହି ଆଇନର ପୁନର୍ମୂଲ୍ୟାୟନ କରିବାର ଯଥାର୍ଥତା ସମ୍ପର୍କରେ ଚିନ୍ତା କରିବା ଆବଶ୍ୟକ।

# ଅର୍ଥନୀତି ଓ ଅସମାନତା

ଏବେ ଅତ୍ୟନ୍ତ ଭୟାନକ ଓ କଷ୍ଟଦାୟକ ସମୟରେ ଅସମାନତା ବୃଦ୍ଧି ପାଉଛି। ଏହା ଭିତରେ ଅନେକ ଦେଶର ରାଜନେତାମାନେ ଗରିବଙ୍କୁ ଲାଭ ଦେଉଥିବା କାର୍ଯ୍ୟକ୍ରମ ଓ ସେବାକୁ ସୀମିତ କରୁଛନ୍ତି। ଏହା ବ୍ୟତୀତ ପ୍ରବାସୀ ଓ ଶରଣାର୍ଥୀଙ୍କ ବିରୋଧରେ କ୍ରୋଧ ଓ ଭୟର ବାତାବରଣ ସୃଷ୍ଟି କରୁଛନ୍ତି। ବ୍ୟକ୍ତିଗତ ସ୍ୱାଧୀନତାର ସୁରକ୍ଷା, ସମୃଦ୍ଧି ପାଇଁ ପ୍ରୋତ୍ସାହନ ଏବଂ ନାଗରିକଙ୍କ ସୁରକ୍ଷା କ୍ଷେତ୍ରରେ ସେମାନଙ୍କ ଉଦ୍ଦେଶ୍ୟ ବାହାରକୁ ମହାନ୍ ଜଣାପଡୁଥିଲେ ମଧ୍ୟ ଏହା ବହୁ ସମୟରେ ସେମାନଙ୍କୁ କିମ୍ବା ସେମାନଙ୍କ ସମ୍ପର୍କୀୟଙ୍କୁ ଧନୀ କରିବାର ଏକ ଛଦ୍ମ ନୀତିଗତ କାର୍ଯ୍ୟକ୍ରମ ଭଳି ପ୍ରତୀୟମାନ ହେଉଛି। ରାଜନୀତି ପ୍ରକ୍ରିୟାରେ ଏଭଳି ଅଧୋଗତି ପଛରେ ଥିବା ଅନେକ କାରଣ ମଧ୍ୟରୁ ସବୁଠୁ ପ୍ରମୁଖଟି ହେଉଛି ଅର୍ଥନୀତି କାର୍ଯ୍ୟକାରିତାର ଅଧୋଗତି। ଅନେକ ସମୟରେ ଅର୍ଥନୀତିକୁ ବୈଜ୍ଞାନିକ ଅଧ୍ୟୟନର ବିଷୟ ଭାବେ ବର୍ଣ୍ଣନା କରାଯାଏ, ଯାହା ନୈତିକତା ଓ ମୂଲ୍ୟବୋଧ ବିନା 'ଇଫ୍-ଦେନ୍' ବା ପରିକଳ୍ପନା ଓ ସିଦ୍ଧାନ୍ତର ବିଚାରକୁ ଅନୁଧ୍ୟାନ କରିଥାଏ। କିନ୍ତୁ ବୈଜ୍ଞାନିକ ସିଦ୍ଧାନ୍ତଗୁଡ଼ିକ ଆମ ମୂଲ୍ୟବୋଧ ଓ ବୈଚାରିକ ବ୍ୟାଖ୍ୟାନକୁ ପ୍ରଭାବିତ କରେ। ବୈଜ୍ଞାନିକ ବିଚାର କିମ୍ବା ଭାବନାର ଯୁକ୍ତିଗୁଡ଼ିକ କାର୍ଯ୍ୟକୁ ତର୍କସଙ୍ଗତ କରିବା ସକାଶେ ବ୍ୟବହାର କରାଯାଇପାରେ, ଯାହା ଆମ ନୈତିକ ସମ୍ବେଦନଶୀଳତାରେ ବାଧା ଉପୁଜାଏ। ବାସ୍ତବରେ, ମୁଖ୍ୟଧାରାର ଅର୍ଥନୀତିର ଦର୍ଶନ ହେଉଛି ବିଶେଷକରି ଲମ୍ବା ସମୟ ଧରି ପ୍ରଚଳିତ ନବ ଉଦାରବାଦୀ ବିଚାରଧାରା, ଯାହା ଅଭିବୃଦ୍ଧି, ଦକ୍ଷତା ଏବଂ ବଜାର ସ୍ୱାଧୀନତାକୁ ଗୁରୁତ୍ୱ ଦେଇଥାଏ। ଏହା ବହୁ ସମୟରେ ଲୋଭ, ଶୋଷଣ ଏବଂ ଅତ୍ୟଧିକ ଅସମାନତା ବୃଦ୍ଧି କରିଥାଏ।

ଅର୍ଥନୀତି ବ୍ୟବସ୍ଥାରେ ଅସମାନତା ସୃଷ୍ଟି ହୋଇପାରେ। ନୋବେଲ ବିଜେତା ଅର୍ଥନୀତିଜ୍ଞ ଅମର୍ତ୍ତ୍ୟ ସେନ୍‌ଙ୍କ 'କାପାବିଲିଟି ଆପ୍ରୋଚ୍' ବା 'ସାମର୍ଥ୍ୟ ଦୃଷ୍ଟିକୋଣ'କୁ ଆଧାରକରି ୨୦୧୨ରେ କରାଯାଇଥିବା ଗବେଷଣାରୁ ଜଣାପଡ଼ିଛି, କେତେକ ଶୈକ୍ଷିକ ଦୃଷ୍ଟିକୋଣ ଲୋକଙ୍କୁ ଅଧିକ ଯତ୍ନଶୀଳ ଓ ସହଯୋଗୀ କରିବାରେ ସାହାଯ୍ୟ କରିପାରେ। କିନ୍ତୁ ଅନ୍ୟସବୁ ଗବେଷଣା ସୂଚିତ କରିଛି ଯେ ଅନ୍ୟମାନଙ୍କ ତୁଳନାରେ ଅର୍ଥନୀତି ବିଦ୍ୱାନମାନେ ଅଧିକ ସ୍ୱାର୍ଥପର ବ୍ୟବହାର ପ୍ରଦର୍ଶନ କରିଥାନ୍ତି। ଏଥିରୁ ବୁଝାପଡୁଛି, ପଢ଼ାଯାଉଥିବା ଅର୍ଥନୀତି ଏକ ସାଧାରଣ କିମ୍ବା ଏପରିକି ଆକାଂକ୍ଷୀ ନୈତିକ ସିଦ୍ଧାନ୍ତ ଭାବେ ସ୍ୱାର୍ଥପରତାକୁ ପ୍ରୋତ୍ସାହିତ କରିଥାଏ। ସମସ୍ୟା ହେଉଛି, ଅନ୍ୟ ଜଣେ ନୋବେଲ ବିଜେତା ଅର୍ଥନୀତିଜ୍ଞ ସ୍ୱର୍ଗତ କେନେଥ୍ ଆରୋ ୧୯୭୮ର ଏକ ଗବେଷଣାତ୍ମକ ରିପୋର୍ଟରେ ଯୁକ୍ତି ବାଢ଼ିଥିଲେ ଯେ, ଜଟିଳ ବିଶ୍ୱରେ ନେଓକ୍ଲାସିକାଲ ଅର୍ଥନୀତିର କଳ୍ପନା ୧୦ ମିନିଟ୍ ପାଇଁ ବି ତିଷ୍ଠି ରହିବ ନାହିଁ। ଅର୍ଥନୈତିକ କାର୍ଯ୍ୟକଳାପ,ପ୍ରତିଯୋଗୀ ଫାର୍ମ ଓ ବ୍ୟକ୍ତିଙ୍କ ବିନା ବଜାର ଚାଲିପାରିବ ନାହିଁ। ଅନ୍ୟ ଅର୍ଥରେ ସେମାନେ ବିଶ୍ୱାସ ଓ ସହଯୋଗ ଉପରେ ନିର୍ଭରକରନ୍ତି। ସ୍ୱାଧୀନତା ଓ ସମାନତାକୁ ବିପରୀତ ଭାବେ ଦେଖିବାରେ ମୁଖ୍ୟଧାରାର ଅର୍ଥନୀତିର ପ୍ରବୃତ୍ତିକୁ ଆରୋ ମଧ୍ୟ ବିରୋଧ କରିଥିଲେ। ନବ ଉଦାରବାଦୀ ସିଦ୍ଧାନ୍ତ ହେଉଛି, କିଛି ମାତ୍ରାର ଅସମାନତା ନିଶ୍ଚିତ ଭାବେ ରହିବ, କିନ୍ତୁ ଏହାକୁ ହ୍ରାସ କରିବାରେ କୌଣସି ପଦକ୍ଷେପ ସ୍ୱାଧୀନତାର ଅବକ୍ଷୟ ଘଟାଇବ। ଭବିଷ୍ୟତର ପରିଣାମ ବର୍ତ୍ତମାନର କାର୍ଯ୍ୟ ଦ୍ୱାରା ପ୍ରଭାବିତ ହୋଇଥାଏ। ଯଦି ତୁମେ ଅତି ଧନୀ, ତେବେ ତୁମେ ଏହାକୁ ନିଶ୍ଚିତ ଭାବେ କଠିନ ପରିଶ୍ରମ କିମ୍ବା ନୂତନ ଚିନ୍ତାଧାରା ବଳରେ ଉପାର୍ଜନ କରିଥିବ ଏବଂ ତୁମେ ନିଶ୍ଚିତ ଭାବେ ସ୍ୱାଧୀନ ଭାବେ ତୁମ ଯୋଗଦାନର ଲାଭକୁ ଉପଭୋଗ କରିବ।

କିନ୍ତୁ ଆରୋ ସୂଚିତ କରିଛନ୍ତି, ଯେତେବେଳେ କେତେଜଣ ବ୍ୟକ୍ତି ମଣିଷ ଜାତିର କଲ୍ୟାଣ ସମ୍ପର୍କିତ ପ୍ରମୁଖ ନିଷ୍ପତ୍ତିଗୁଡ଼ିକ ନେଉଛନ୍ତି ସେତେବେଳେ ସେମାନେ ନିଜ ସ୍ୱାର୍ଥକୁ ଲକ୍ଷ୍ୟକରି ଏହା କରୁଛନ୍ତି। ସମାନତାକୁ ଅଣଦେଖା କରୁଥିବା କାର୍ଯ୍ୟଗୁଡ଼ିକ ଯଥା ଆନ୍ଦୋଳନରେ ବାଧାଦେବା ଏବଂ ଅଧିକ ସୂକ୍ଷ୍ମ ଆକାରରେ ଅର୍ଥନୈତିକ ଚାପ ଇତ୍ୟାଦି ଶ୍ରମିକଙ୍କ ସ୍ୱାଧୀନତାକୁ ଅତ୍ୟଧିକ ସୀମିତ କରିଦେଉଛି। ନିଜକୁ ଶ୍ରେଷ୍ଠ ମଣୁଥିବା ଅଳ୍ପ କେତେ ଜଣ ବ୍ୟକ୍ତି ଅର୍ଥ ବ୍ୟବସ୍ଥାକୁ ଆୟତ୍ତରେ ରଖିବା ସୂଚିତକରେ ଯେ, ଔପଚାରିକ ଗଣତନ୍ତ୍ର ଓ ସ୍ୱାଧୀନତା ହେଉଛି ଏକ ବାହାନା। ଶେଷରେ ଆରୋ ଉଲ୍ଲେଖ କରିଥିଲେ, ସଂସ୍ଥାଗୁଡ଼ିକ ସାମଗ୍ରିକ ଭାବେ ସୃଷ୍ଟିକରୁଥିବା ଅସମାନତା ମାନବ ପାଇଁ ଉଦ୍ଦିଷ୍ଟ ମର୍ଯ୍ୟାଦା ପ୍ରତି ଅପମାନ।

ଦାର୍ଶନିକ ଇସାଏହ ବର୍ଲିନ୍ ସଂକ୍ଷେପରେ କହିଛନ୍ତି, ଗଧିଆକୁ ସ୍ୱାଧୀନତା ଦେବା ବହୁ ସମୟରେ ମେଣ୍ଢାର ମୃତ୍ୟୁର କାରଣ ହୁଏ। ରାଜନେତାଙ୍କୁ ଆକର୍ଷିତକରିବା ଏବଂ ସେମାନଙ୍କ ପସନ୍ଦକୁ ପ୍ରଭାବିତ କରିବା ପାଇଁ 'ହେଟା'ଙ୍କ ପାଖରେ ଅଧିକ ସମ୍ବଳ ଥିବା ଏବଂ ସାର୍ବଜନୀନ ମତକୁ ପ୍ରଭାବିତ କରିବା ନିମନ୍ତେ ବ୍ୟାପକ ଡିଜିଟାଲ ସାଧନ ରହିଥିବାରୁ ଏହି ଚେତାବନୀ ବିଶେଷକରି ଏବକାର ସମୟ ପାଇଁ ପ୍ରଯୁଜ୍ୟ ଏବଂ ଭବିଷ୍ୟତ ପାଇଁ ଚିନ୍ତାକରିବା ଦରକାର। ଅନ୍ୟ ଜଣେ ନୋବେଲ ବିଜେତା ଜୋଶେଫ୍.ଇ. ଷ୍ଟିଗ୍ଲାଇଜ 'ଜଣେ ବ୍ୟକ୍ତି, ଗୋଟିଏ ଭୋଟ'ର ସିଦ୍ଧାନ୍ତ 'ଗୋଟିଏ ଡଲାର, ଗୋଟିଏ ଭୋଟ'କୁ ପଥ ଦେଖାଇଛି ବୋଲି ଉଲ୍ଲେଖ କରିଥିଲେ। କିନ୍ତୁ ନିଜସ୍ୱ ଆର୍ଥିକ ସ୍ୱାର୍ଥ ଉପରେ ଅତ୍ୟଧିକ ଧ୍ୟାନଦେବାରେ ସମସ୍ୟା ରହିଛି। ଉଗ୍ର ଜାତୀୟତାବାଦ ମଧ୍ୟ ଅସମାନତା ବୃଦ୍ଧି କରିଥାଏ।

ଗୋଟିଏ ସମୟରେ ଆର୍ଥିକ ପରିଚାଳନା ପାଇଁ ଯେତେବେଳେ ସ୍ୱାଧୀନ ତଥା ସାର୍ବଭୌମ ସରକାର ଏକ ଗୁରୁତ୍ୱପୂର୍ଣ୍ଣ ସଂସ୍ଥା ଥିଲା ସେତେବେଳେ ପ୍ରଗତିକୁ ସହଯୋଗ କରିବା ସକାଶେ ଜାତୀୟ ଗୌରବର ଏକ ଭୂମିକା ରହିଥିଲା। କିନ୍ତୁ ଏବେ ଆମର ଜଗତୀକରଣ ବିଶ୍ୱରେ ଦେଶ-ଦେଶ ମଧ୍ୟରେ ଯେଉଁଳି ଲୋକ, ସାମଗ୍ରୀ ଓ ପୁଞ୍ଜିର ପ୍ରବାହ ଘଟୁଛି ତାହା ସମୃଦ୍ଧି ପାଇଁ ଗୁରୁତ୍ୱପୂର୍ଣ୍ଣ ଏବଂ ଅପରିହାର୍ଯ୍ୟ ମଧ୍ୟ, ହେଲେ କେତେଜଣ ଧନିକଙ୍କ ପାଇଁ ଉଦ୍ଦିଷ୍ଟ ନୁହେଁ। ଏହି ସମୟରେ ଅତି ଧନୀ ବିଶେଷ ଏବଂ ରାଜନୈତିକ କ୍ଷମତାଶାଳୀ ବ୍ୟକ୍ତି ସେମାନଙ୍କ ସ୍ୱାର୍ଥକୁ ଆଗକୁ ବଢ଼ାଇବା ଲାଗି ଜାତୀୟତାବାଦକୁ ଉସୁକାଉଛନ୍ତି। ଏହା ମଧ୍ୟ ଦୀର୍ଘଦିନ ଧରି ପରୀକ୍ଷିତ ଯେ, ଜାତୀୟ ସୁରକ୍ଷା ପାଇଁ ଯୁଦ୍ଧରେ ଲଢୁଥିବା ଲୋକମାନେ ଧନ କିମ୍ବା କ୍ଷମତାର ଅସମାନତା ବିରୋଧରେ ସଙ୍ଗଠିତ ହେବେ ନାହିଁ ଏବଂ ଏଭଳି ସ୍ଥିତିରେ ଅସମାନତା ବୃଦ୍ଧି ପାଇପାରେ। ଜାତୀୟ ଗୌରବ ହେଉଛି ଅତୀତର ଏକ ସୁରକ୍ଷିତ ପରମ୍ପରା। ପାରସ୍ପରିକ ଲାଭଦାୟକ ବାଣିଜ୍ୟ ବ୍ୟବସ୍ଥାରୁ ଆରମ୍ଭକରି ସମ୍ମିଳିତ ଜଳବାୟୁ ପଦକ୍ଷେପ ପର୍ଯ୍ୟନ୍ତ ସାମୂହିକ ଲକ୍ଷ୍ୟ ହାସଲ ଦିଗରେ ବୈଶ୍ୱିକ ସହଯୋଗ ଲୋଡ଼ା ଏବଂ ଏଥିପାଇଁ ଏହା ହେଉଛି ଉପଯୁକ୍ତ ସମୟ। କିନ୍ତୁ ତାହା ହାସଲକରିବା ଏତେ ସହଜ ନୁହେଁ। ମାର୍କେଟକୁ ଚଳାଇବା ଭଳି ସମସ୍ତେ ସମ୍ମୁଖୀନ ହେଉଥିବା ଆହ୍ୱାନଗୁଡ଼ିକୁ ମୁକାବିଲା କରିବା ପାଇଁ ଆବଶ୍ୟକ ହେଉଥିବା ଅନ୍ତର୍ଜାତୀୟ ପଦକ୍ଷେପ କେବଳ ବିଶ୍ୱାସ ଓ ସହଯୋଗ ଉପରେ ନିର୍ଭରକରେ।

ଆହ୍ୱାନର ମୁକାବିଲା ଓ ସେଥିରୁ ଲାଭ ପାଇବା ସମ୍ପର୍କରେ ଫ୍ରାନ୍ସର ଦାର୍ଶନିକ ଜିନ୍-ଜାକ୍ୟୁ ରୌସେୟୁଙ୍କ ଷ୍ଟାଗ୍‌ହଣ୍ଟ ଗେମ୍ ସିଦ୍ଧାନ୍ତ ଦର୍ଶାଇଛି। ଯଦି ୨ ଶିକାରୀ ପୃଥକ୍ ଭାବେ ଗୋଟିଏ ଲେଖା ଠେକୁଆ ଶିକାର କରନ୍ତି ତେବେ ସେମାନେ ଅଳ୍ପ ଲାଭ ପାଇବା ନିଶ୍ଚିତ। କିନ୍ତୁ ସେମାନେ ଯଦି ମିଳିତ ଭାବେ ଶିକାର କରନ୍ତି ତେବେ ଅଧିକ ଲାଭ ପାଇବେ। କେବଳ ସେମାନଙ୍କ ତରଫରୁ ପାରସ୍ପରିକ ସହଯୋଗ କିମ୍ବା ଭାଗୀଦାରି ରହିଲେ ଏହା ସମ୍ଭବ ହେବ, ଅନ୍ୟଥା ଶେଷରେ ସେମାନେ କିଛି ପାଇବେ ନାହିଁ। ସେହିଭଳି ସହଯୋଗ, ଅନ୍ତର୍ଜାତୀୟ ଶ୍ରମ ସଙ୍ଗଠନ (ଆଇଏଲ୍ଓ) ଏବଂ ଅନ୍ତର୍ଜାତୀୟ ନ୍ୟାୟାଳୟ (ଆଇସିଜେ) ଭଳି ଅନ୍ତଃରାଷ୍ଟ୍ରୀୟ ସଂସ୍ଥାଗୁଡ଼ିକ ଉପରେ ଦୃଢ଼ ବିଶ୍ୱାସ ରହିବା ଦରକାର। ଏହା ହେଲେ ଦେଶଗୁଡ଼ିକ ପୂର୍ବାପେକ୍ଷା ନିଜେ ଯାହା ହାସଲ କରିଥିଲେ ତାହା ତୁଳନାରେ ଅଧିକ ପାଇପାରିବେ। ଏହି ସଂସ୍ଥାଗୁଡ଼ିକୁ ଦୃଢ଼କରାଯିବା ଦରକାର। ଏହା ସହ ଅନ୍ୟ ସହଯୋଗୀ ସଂସ୍ଥାଗୁଡ଼ିକ ଆମ ନୈତିକ ସୁଯୋଗଗୁଡ଼ିକୁ ପୁନଃ ସଞ୍ଚାଳନ କରିବାରେ ମଧ୍ୟ ସାହାଯ୍ୟ କରିପାରିବେ। ନିଜସ୍ୱ ସ୍ୱାର୍ଥକୁ ଯୁକ୍ତିଯୁକ୍ତ ମନେକରି ତା'ଉପରେ ବିଶେଷ ଧ୍ୟାନଦେବା କିମ୍ବା ଆମ ପାଇଁ ଥିବା ସୁଯୋଗଗୁଡ଼ିକୁ ସଙ୍କୁଚିତ କରିବା ପରିବର୍ତ୍ତେ ଆମେ ଜାତୀୟତା ବଦଳରେ ମାନବତାର ଅଧିକ ମୂଲ୍ୟାୟନ କରିବା ଦରକାର।

# ଏକାଠି ବିଷ ପିଇଲେ ୨୪ ଜଣ କିନ୍ନର

ଇନ୍ଦୋର: ମଧ୍ୟପ୍ରଦେଶର ଇନ୍ଦୋର ଜିଲ୍ଲା ଅନ୍ତର୍ଗତ ନନ୍ଦଲାଲପୁରା ଅଞ୍ଚଳରେ କିନ୍ନରଙ୍କ ମଧ୍ୟରେ ଆଞ୍ଚଳିକ ପ୍ରାଧାନ୍ୟକୁ ନେଇ ଦୀର୍ଘ ସମୟ ଧରି ଚାଲିଥିବା ଗୋଷ୍ଠୀ ବିବାଦର ଅତ୍ୟନ୍ତ ଦୁଃଖଦ ପରିଣତି ସାମ୍ନାକୁ ଆସିଛି। ରିପୋର୍ଟ ଅନୁସାରେ ଗୋଟିଏ ଗୋଷ୍ଠୀର ପ୍ରାୟ ୨୪ଜଣ କିନ୍ନର ସାମୂହିକ ଭାବେ ବିଷାକ୍ତ ପଦାର୍ଥ (ଫିନାଇଲ୍) ପିଇବା ଏବଂ ସେମାନଙ୍କୁ ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା ଭଳି ଘଟଣା ସମ୍ପର୍କରେ ସୂଚନା ମିଳିଛି। ତେବେ ସୂଚନା ମିଳିବା ପରେ ପୁଲିସ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ବିଷ ପିଇଥିବା କିନ୍ନରମାନଙ୍କୁ ଆମ୍ବୁଲାନ୍ସ ସମେତ ପୁଲିସ ଗାଡ଼ିରେ ତୁରନ୍ତ ଏମୱାଇ ହସ୍ପିଟାଲକୁ ସ୍ଥାନାନ୍ତର କରିଥିଲେ ମଧ୍ୟ ସେମାନଙ୍କ ମଧ୍ୟରୁ ଅଧିକାଂଶଙ୍କ ସ୍ୱାସ୍ଥ୍ୟାବସ୍ଥା ସଂକଟାପନ୍ନ ଥିଲା।

ପ୍ରକାଶ ଏଠାରେ ନେହା ନାମ୍ନୀ ଜଣେ କିନ୍ନର ଦୁଇ ଗଣମାଧ୍ୟମ କର୍ମଚାରୀ (ପଙ୍କଜ ଏବଂ ଅକ୍ଷୟ)ଙ୍କ ବିରୋଧରେ ଦୁଷ୍କର୍ମ ଅଭିଯୋଗ ଆଣିଛନ୍ତି। ଅଭିଯୁକ୍ତ ଦ୍ୱୟ ତାଙ୍କୁ ଆକ୍ରମଣ ଓ ହତ୍ୟା ଧମକ ଦେଇ ଦୁଷ୍କର୍ମ କରିଥିବା ନିଜ ଅଭିଯୋଗରେ ନେହା ଉଲ୍ଲେଖ କରିଛନ୍ତି। ନେହାଙ୍କ କହିବାନୁସାରେ ସେ, ପାୟଲ ଗୁରୁ ନାମକ ଜଣେ କିନ୍ନର ନେତ୍ରୀଙ୍କ ଗୋଷ୍ଠୀର ସଦସ୍ୟା ହୋଇଥିବା ବେଳେ ତାଙ୍କୁ ଦୁଷ୍କର୍ମ କରିଥିବା ଅଭିଯୁକ୍ତ ଦ୍ୱୟ ଅନ୍ୟ ଏକ କିନ୍ନର ଗୋଷ୍ଠୀର ମୁଖ୍ୟ ସୀମା ଗୁରୁଙ୍କ ପ୍ରରୋଚନାରେ ପଡ଼ି ତାଙ୍କ ସହ ଏସବୁ କରିଛନ୍ତି। ପୀଡିତା ନେହା ପୁଲିସ୍‌କୁ ଦେଇଥିବା ବୟାନ୍ ଅନୁସାରେ ଉଭୟ କିନ୍ନର ନେତ୍ରୀ (ସୀମା ଗୁରୁ ଏବଂ ପାୟଲ ଗୁରୁ)ଙ୍କ ମଧ୍ୟରେ ନିଜ ନିଜ ଅଞ୍ଚଳକୁ ନେଇ ବିବାଦ ଦୀର୍ଘଦିନରୁ ରହିଆସିଥିବା ବେଳେ ସୀମା ଗୁରୁ, ଏହି ଦୁଇ ଗଣମାଧ୍ୟମ ପ୍ରତିନିଧିଙ୍କ ମାଧ୍ୟମରେ ସମୟେ ସମୟେ ପାୟଲଙ୍କ ଗୋଷ୍ଠୀର କିନ୍ନରଙ୍କ ଉପରେ ଚାପ ସୃଷ୍ଟି କରିବାକୁ ଚେଷ୍ଟା କରିଥାନ୍ତି। ଏବେ ତାଙ୍କ ସହ ହୋଇଥିବା ଦୁଷ୍କର୍ମ ଘଟଣା ପଛରେ ମଧ୍ୟ ସୀମା ଗୁରୁ ରହିଥିବା ଏବଂ ତାଙ୍କରି କଥାରେ ଅଭିଯୁକ୍ତ ଦ୍ୱୟ ଏସବୁ କରିଥିବା ଅଭିଯୋଗକାରୀ ନିଜ ବୟାନ୍‌ରେ କହିଛନ୍ତି।

ନେହା କହିଛନ୍ତି ସେ ଏବେ ନ୍ୟାୟ ଭିକ୍ଷା କରୁଛନ୍ତି ଏବଂ ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ପାଇଁ ଦାବି କରୁଛନ୍ତି। କିନ୍ତୁ ପୁଲିସ୍ ପ୍ରଶାସନ ନୀରବଦ୍ରଷ୍ଟା ସାଜିଥିବାରୁ ସେ ଆତ୍ମହତ୍ୟା କରିବାକୁ ନିଷ୍ପତ୍ତି ନେଇଛନ୍ତି। ତାଙ୍କ ସମର୍ଥନରେ ତାଙ୍କ ଗୋଷ୍ଠୀର ଅନ୍ୟ ୨୩ କିନ୍ନର ମଧ୍ୟ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ଅନ୍ୟପକ୍ଷେ ଏହି ଦୁଃଖଦ ଘଟଣା ପରେ ଜିଲ୍ଲା ପ୍ରଶାସନ ଏବଂ ପୁଲିସ ପ୍ରଶାସନ ସତର୍କ ହୋଇଯାଇଛନ୍ତି।

## ଇସ୍ରୋ ମୁଖ୍ୟଙ୍କ ବଡ଼ ସୂଚନା

# ୨୦୪୦ ସୁଦ୍ଧା ଚନ୍ଦ୍ରପୃଷ୍ଠରେ ମାନବାରୋହଣ

ରାଞ୍ଚି: ଭାରତୀୟ ମହାକାଶ ଗବେଷଣା ସଂଗଠନ (ଇସ୍ରୋ) ଅଧ୍ୟକ୍ଷ ଭି. ନାରାୟଣନ ଏକ ବଡ଼ ସୂଚନା ଦେଇଛନ୍ତି। ଶ୍ରୀ ନାରାୟଣନ୍ କହିଛନ୍ତି ଯେ ଇସ୍ରୋ ୨୦୪୦ ସୁଦ୍ଧା ଭାରତୀୟ ମହାକାଶଚାରୀଙ୍କୁ ଚନ୍ଦ୍ରରେ ଅବତରଣ କରିବା ଏବଂ ସେମାନଙ୍କୁ ସୁରକ୍ଷିତ ଭାବେ ପୃଥିବୀ ପୃଷ୍ଠକୁ ଫେରାଇ ଆଣିବାର ଲକ୍ଷ୍ୟ ରଖିଛି। ଏହାକୁ ତାଙ୍କ କହିବାନୁସାରେ ୨୦୩୫ ସୁଦ୍ଧା ଏକ ଜାତୀୟ ମହାକାଶ ଷ୍ଟେସନ ନିର୍ମାଣ ଏବଂ ୨୦୨୬ ସୁଦ୍ଧା ତିନୋଟି ମାନବହୀନ 'ଗଗନୟାନ' ମିଶନ ସମେତ ଅନେକ ମହତ୍ୱାକାଂକ୍ଷୀ ମହାକାଶ ପ୍ରକଳ୍ପ ଏବଂ କ୍ଷେତ୍ର ସଂସ୍କାର ବର୍ତ୍ତମାନ ଚାଲିଛି। ଏହି ତିନି ମାନବବିହୀନ ମିଶନ୍ ମଧ୍ୟରେ ପ୍ରଥମଟି ହେଉଛି ଏକ ଅଧା-ମାନବୀୟ ରୋବୋଟ୍ 'ବ୍ୟୋମିତ୍ର', ଯାହାକୁ ଡିସେମ୍ବର ୨୦୨୫ ସୁଦ୍ଧା କାର୍ଯ୍ୟକାରୀ କରାଯିବା ପାଇଁ ଲକ୍ଷ୍ୟ ରଖାଯାଇଛି। ସେହିପରି ଏହି ମିଶନ ଅନ୍ତର୍ଗତ ପ୍ରଥମ ମାନବ ମହାକାଶ ଅଭିଯାନ 'ଗଗନୟାନ' ୨୦୨୭ରେ ଲଞ୍ଚ ହେବା ପାଇଁ ଟ୍ରାକ୍‌ରେ ଅଛି। ରାଞ୍ଚି ସ୍ଥିତ ବିର୍ଲା ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି (ବିଆଇଟି) ମେସରାର ୩୫ତମ ସମାବର୍ତ୍ତନ ଉତ୍ସବରେ ଯୋଗଦେବା ଅବସରରେ ନାରାୟଣନ୍ ଏହି ସୂଚନା ଦେଇଛନ୍ତି।




ନାରାୟଣନ୍ କହିଛନ୍ତି 'ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ୨୦୪୦ ସୁଦ୍ଧା ଏକ ସ୍ୱଦେଶୀ କ୍ରୁ୍ୟ ଟିମ୍‌କୁ ଚନ୍ଦ୍ର ମିଶନ ପାଇଁ ପଠାଇବା ନେଇ ପ୍ରସ୍ତୁତି କରିବାକୁ ଏକ ମାର୍ଗଦର୍ଶିକା ଦେଇଛନ୍ତି, ଯାହା ଅଧୀନରେ ଆମକୁ ଚନ୍ଦ୍ରରେ ଆମର ନିଜସ୍ୱ ନାଗରିକଙ୍କୁ ଅବତରଣ କରିବାକୁ ପଡିବ ଏବଂ ସେମାନଙ୍କୁ ସୁରକ୍ଷିତ ଭାବରେ ଫେରାଇ ଆଣିବାକୁ ପଡିବ। ଏକ ଶୁକ୍ର ଅର୍ବିଟର ମିଶନ (ଭିଓଏମ୍) ମଧ୍ୟ ଗ୍ରହ ଅଧ୍ୟୟନ ପାଇଁ ଅନୁମୋଦନ କରାଯାଇଛି। ତେବେ ଏହି କ୍ରୁ୍ୟ ମିଶନ ପୂର୍ବରୁ, ଆମେ ତିନୋଟି ଅନ୍‌କ୍ରୁଡ୍ ମିଶନ ଯୋଜନା କରୁଛୁ। 'ବ୍ୟୋମିତ୍ର' ଏହି ବର୍ଷ ଡିସେମ୍ବରରେ ଉତ୍କ୍ଷେପଣ କରାଯିବ। ଆସନ୍ତା ବର୍ଷ ଆଉ ଦୁଇଟି ଅନକ୍ରୁଡ୍ ମିଶନ ହେବ। ୨୦୨୭ ପ୍ରଥମ ତ୍ରୟମାସ ସୁଦ୍ଧା ଏକ କ୍ରୁଡ୍ 'ଗଗନୟାନ' ମିଶନ କରାଯିବ।

ନାରାୟଣନ୍‌ଙ୍କ କହିବାନୁସାରେ ଭାରତର ଆଗାମୀ ପ୍ରକଳ୍ପଗୁଡ଼ିକ ମଧ୍ୟରେ ଚନ୍ଦ୍ରାୟନ-୪ ଏବଂ ଚନ୍ଦ୍ରାୟନ-୫, ଏକ ନୂତନ ମଙ୍ଗଳ ଅଭିଯାନ, ଏବଂ ଆକ୍ସଓମ୍, ଏକ ଉଚ୍ଚ-ପ୍ରାଥମିକତା ଜ୍ୟୋତିର୍ବିଜ୍ଞାନ ପର୍ଯ୍ୟବେକ୍ଷଣ ଅଭିଯାନ ଅନ୍ତର୍ଭୁକ୍ତ ରହିଛି। ଇସ୍ରୋ ଏବେ ଏକ ଆତ୍ମନିର୍ଭରଶୀଳ ଏବଂ ସ୍ପନ୍ଦନଶୀଳ ମହାକାଶ ଇକୋସିଷ୍ଟମର ସ୍ୱପ୍ନକୁ ସାକାର କରିବା ଦିଗରେ ଆତ୍ମବିଶ୍ୱାସ ଏବଂ ସ୍ପଷ୍ଟତାର ସହିତ ଆଗକୁ ବଢୁଛି ବୋଲି ସେ କହିଛନ୍ତି। ଏତଦ୍‌ବ୍ୟତୀତ 'ଚନ୍ଦ୍ରାୟନ-୧ ସାହାଯ୍ୟରେ ଚନ୍ଦ୍ରରେ ପାଣି ଆବିଷ୍କାର କରିବାଠାରୁ ଆରମ୍ଭ କରି ଚନ୍ଦ୍ରାୟନ-୩ ସାହାଯ୍ୟରେ ଚନ୍ଦ୍ର ଦକ୍ଷିଣ ମେରୁ ନିକଟରେ ପ୍ରଥମ ସଫ୍ଟ ଅବତରଣ ପର୍ଯ୍ୟନ୍ତ, ଭାରତ ମହାକାଶରେ ଅନେକ ବିଶ୍ୱ ରେକର୍ଡ ସ୍ଥାପନ କରିଥିବା ଏବଂ ବର୍ତ୍ତମାନ ସମୟରେ ଭାରତ ବିଶ୍ୱ ସ୍ତରରେ ପ୍ରାୟ ୯ଟି କ୍ଷେତ୍ରରେ ନମ୍ବର ୧ ରହିଥିବା ସେ ଦୃଢ଼ ଭାବରେ କହିଛନ୍ତି। ଏହି ଅବସରରେ ସେ ଭବିଷ୍ୟତରେ ଏଆଇର ବହୁଳ ବ୍ୟବହାର, ରୋବୋଟ୍ ସାଇନ୍ସର ଉପାଦେୟତା, ଦେଶର ଆର୍ଥିକ ଅଭିବୃଦ୍ଧି ସମ୍ପର୍କରେ ମଧ୍ୟ ସୂଚନା ଦେଇଛନ୍ତି।

# ଚିରନିଦ୍ରାରେ ମହାଭାରତର 'କର୍ଣ୍ଣ'

ମୁମ୍ବାଇ: ବିଆର ଚୋପ୍ରାଙ୍କ ଐତିହାସିକ ଟିଭି ସିରିଏଲ୍ 'ମହାଭାରତ'ର କର୍ଣ୍ଣ ଆଉ ନାହାନ୍ତି। ୬୮ ବର୍ଷ ବୟସରେ ପଙ୍କଜ ଧୀର ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ପରିବାର ପକ୍ଷରୁ ଏସମ୍ପର୍କରେ ସୂଚନା ଦିଆଯିବା ପରେ ସମ୍ପୂର୍ଣ୍ଣ ଅଭିନୟ ଜଗତରେ ଶୋକର ଛାୟା ଖେଳିଯାଇଛି। ପୁଅ ତଥା ଅଭିନେତା ନିକିତିନ ଧୀର କହିଛନ୍ତି, ତାଙ୍କ ବାପା ପଙ୍କଜ ଧୀର ଦୀର୍ଘଦିନ ଧରି କର୍କଟଜନିତ ମହାବ୍ୟାଧି ସହ ଲଢ଼େଇ ଜାରି ରଖିଥିଲେ। ଗତ କିଛି ଦିନ ହେବ ସେ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ଏଠାରେ ତାଙ୍କର ଚିକିତ୍ସା ଚାଲିଥିଲା। ତେବେ ପଙ୍କଜ ଧୀର ଇହଲୀଳା ସମ୍ବରଣ କରିଥିଲେ। ଏସମ୍ପର୍କରେ ସୂଚନା ମିଳିବା ମାତ୍ରେ ତାଙ୍କ ପରିବାର ଏବଂ ନିକଟତମ ବନ୍ଧୁମାନଙ୍କ ସହିତ ଅନେକ ପ୍ରମୁଖ ଚଳଚ୍ଚିତ୍ର ତାରକା ଶେଷ ଶ୍ରଦ୍ଧାଞ୍ଜଳି ଦେବାକୁ ଆସିଥିଲେ। ପଙ୍କଜ ଧୀରଙ୍କ ପାର୍ଥିବଶରୀରକୁ ପବନ ହଂସ, ଭିଲେ ପାର୍ଲେ (ପଶ୍ଚିମ), ମୁମ୍ବାଇ ପାଖରେ ଅନ୍ତିମ ସଂସ୍କାର କରାଯାଇଛି। ପଙ୍କଜଙ୍କ ମୃତ୍ୟୁ ଖବରରେ ମୁକେଶ ଖାନ୍ନାଙ୍କ ଠାରୁ ଆରମ୍ଭ କରି ଅମିତାଭ ବଚ୍ଚନଙ୍କ ପର୍ଯ୍ୟନ୍ତ, ଶାହରୁଖ, ସଲମାନ୍ ଖାନ୍‌ଙ୍କ ଠାରୁ ଅନେକ ଅଭିନେତ୍ରୀ ଓ ବରିଷ୍ଠ କଳାକାରଙ୍କ ପର୍ଯ୍ୟନ୍ତ ସସମ୍ମେ ଗଭୀର ଶୋକ ବ୍ୟକ୍ତ କରିଛନ୍ତି। ସିନେ ଏବଂ ଟିଭି କଳାକାର ସଂଘ ପକ୍ଷରୁ ଦୁଃଖ ବ୍ୟକ୍ତ କରାଯାଇଛି।

ପଙ୍କଜ ଧୀର ତାଙ୍କର ଚମତ୍କାର ଅଭିନୟ ଦକ୍ଷତା ଏବଂ ନିଆରା କଣ୍ଠସ୍ୱର ପାଇଁ ଜଣାଶୁଣା ଥିଲେ। ମହାଭାରତରେ ଅଭିନୟ କରିବା ପୂର୍ବରୁ ସେ ଅନେକ ଚରିତ୍ରରେ ଅଭିନୟ କରିଥିଲେ ମଧ୍ୟ ମହାଭାରତର କର୍ଣ୍ଣ' ଚରିତ୍ର ତାଙ୍କୁ ରାତାରାତି ଷ୍ଟାର୍ କରିଦେଇଥିଲା। ମହାଭାରତର କର୍ଣ୍ଣ ଭୂମିକାରେ ପ୍ରାଣବନ୍ତ ଅଭିନୟ ପଙ୍କଜ ଧୀରଙ୍କୁ ଘରେ ଘରେ ପରିଚିତ କରାଇଥିଲା। ୧୯୮୮ ମସିହାରେ ଐତିହାସିକ ନାଟକ ମହାଭାରତରେ କର୍ଣ୍ଣଙ୍କ ଚରିତ୍ର ତାଙ୍କୁ ପ୍ରକୃତରେ ଅମର କରିଥିଲା। ହସ୍ପିଟାଲରେ ଭର୍ତ୍ତି ହେବା ପୂର୍ବରୁ ପଙ୍କଜ ଅନେକ ଫିଲ୍ମ ସହ ଧାରାବାହିକରେ ସକ୍ରିୟ ଥିଲେ।

# ଲାଞ୍ଚ ନେବା ବେଳେ ଡିଆଇଜି ଗିରଫ

ଚଣ୍ଡିଗଡ଼: ଲାଞ୍ଚ ନେଉଥିବା ବେଳେ ପଞ୍ଜାବ ପୁଲିସ୍‌ର ଜଣେ ଡିଆଇଜି ସିବିଆଇ ହାତରେ ଧରା ପଡ଼ିବା ଭଳି ଘଟଣା ସାମ୍ନାକୁ ଆସିଛି। ଜଣେ ସ୍କ୍ରାପ୍ ଡିଲରଙ୍କଠାରୁ ଡିଆଇଜି ୫ଲକ୍ଷ ଟଙ୍କାର ଲାଞ୍ଚ ନେଉଥିବା ବେଳେ ସିବିଆଇ ତାଙ୍କୁ ଗିରଫ କରିଛି। ସିବିଆଇ ଦର୍ଶାଇଛି ଯେ ଡିଆଇଜି ତଥା ୧୯୯୮ ବ୍ୟାଚ୍‌ର ଆଇପିଏସ୍ ଅଧିକାରୀ ହରଚରଣ ସିଂହ ଭୁଲ୍ଲର, କୌଣସି ଏକ ଅପରାଧିକ ମାମଲାରେ ଜଣେ ସ୍କ୍ରାପ୍ ଡିଲରଙ୍କଠାରୁ ଗତ କିଛି ମାସ ଧରି ମାସିକ ୫ ଲକ୍ଷ ଟଙ୍କାର ଲାଞ୍ଚ ନେଉଥିଲେ। ଏସମ୍ପର୍କରେ ଜଣାପଡ଼ିବା ପରେ ତାଙ୍କୁ ସିବିଆଇ ରାଡାରରେ ରଖାଯାଇଥିଲା। ମୋହାଲିରେ ଏକ ଟ୍ରାପ୍ ଅପରେସନ୍ ସମୟରେ ଡିଆଇଜି ଲାଞ୍ଚ ଟଙ୍କା ଗ୍ରହଣ କରୁଥିବା ସମୟରେ ତାଙ୍କୁ ଗିରଫ କରାଯାଇଛି। ଏହି ଗିରଫଦାରୀ ପଞ୍ଜାବ ପୁଲିସ ବିଭାଗରେ ହଇଚଇ ସୃଷ୍ଟି କରିଛି। ସିବିଆଇ କହିଛି ଯେ ଡିଆଇଜିଙ୍କ ଲାଞ୍ଚ ଗ୍ରହଣ ସମ୍ପର୍କରେ ଉକ୍ତ ସ୍କ୍ରାପ୍ ଡିଲର ହିଁ ସିବିଆଇରେ ଅଭିଯୋଗ କରିଥିଲେ। ସ୍କ୍ରାପ୍ ଡିଲର ଦର୍ଶାଇଥିଲେ ଯେ ଭୁଲ୍ଲର ତାଙ୍କର ଅବୈଧ କାର ବ୍ୟବସାୟ ଜାରି ରଖିବା ପାଇଁ ମାସିକ ୫ଲକ୍ଷଟଙ୍କାର ଲାଞ୍ଚ ମାଗିଥିଲେ। ଡିଲର କହିଛନ୍ତି ଯେ ଡିଆଇଜି ପ୍ରଥମେ ୨ ଲକ୍ଷ ଟଙ୍କା ଦାବି କରିଥିଲେ କିନ୍ତୁ ପରେ ଏହି ପରିମାଣକୁ ୫ ଲକ୍ଷ ଟଙ୍କାକୁ ବଢାଇଦେଇଥିଲେ। ସିବିଆଇ ଜେରା ସମୟରେ ଡିଆଇଜି ଭୁଲ୍ଲର ମଧ୍ୟ ଲାଞ୍ଚ ନେଉଥିବା କଥା ସ୍ୱୀକାର କରିଥିଲେ। ଏବେ ତାଙ୍କ ବିରୁଦ୍ଧରେ ଦୁର୍ନୀତି ନିବାରଣ ଆଇନ (ପିସି ଆକ୍ଟ)ର ଧାରା ଅନୁଯାୟୀ ଏକ ମାମଲା ରୁଜୁ କରାଯାଇଛି।

# ସର୍ତ୍ତମୂଳକ ବାଣଫୁଟାକୁ ଅନୁମତି ଦେଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ: ଦୀପାବଳିରେ ଦିଲ୍ଲୀ-ଏନ୍‌ସିଆରରେ ବାଣ ଫୁଟାଯିବା ସମ୍ପର୍କୀତ ମାମଲାରେ ନିଜ ରାୟ ଶୁଣାଇଛନ୍ତି ସୁପ୍ରିମକୋର୍ଟ। ନିଜ ରାୟରେ ସବୁଜ ବାଣ ଫୁଟାଯିବାକୁ ଅନୁମତି ଦେଇଛନ୍ତି ଦେଶର ସର୍ବୋଚ୍ଚ ନ୍ୟାୟାଳୟ। ସୁପ୍ରିମକୋର୍ଟ ନିଜ ରାୟରେ ସ୍ପଷ୍ଟ କରିଛନ୍ତି ଯେ, ଦିଲ୍ଲୀ-ଏନ୍‌ସିଆରରେ ଲୋକମାନେ କେବଳ ସବୁଜ ବାଣ ଫୁଟାଇ ଦୀପାବଳି ପାଳନ କରିବେ। କେବଳ ଅକ୍ଟୋବର ୧୮ରୁ ୨୧ତାରିଖ ପର୍ଯ୍ୟନ୍ତ ସକାଳ ୬ରୁ ୭ଟା ଏବଂ ରାତି ୮ଟାରୁ ୧୦ଟା ମଧ୍ୟରେ ଦିଲ୍ଲୀବାସୀ ବାଣ ଫୁଟାଇପାରିବେ। ଏହି ରାୟ ସହ ସବୁଜ ବାଣ ଉପରେ ପ୍ରତିବନ୍ଧକ ଲଗାଇବା ପାଇଁ ନିଜ ପୂର୍ବ ଆଦେଶରେ ମଧ୍ୟ ସଂଶୋଧନ କରିଛନ୍ତି ସୁପ୍ରିମକୋର୍ଟ। ସୁପ୍ରିମକୋର୍ଟ କହିଛନ୍ତି ଯେ ଅକ୍ଟୋବର ୧୭ତାରିଖରୁ କେବଳ ସରକାରଙ୍କ ଦ୍ୱାରା ନିର୍ଦ୍ଦିଷ୍ଟ ସ୍ଥାନରେ ସବୁଜ ବାଣ ବିକ୍ରି କରାଯାଇପାରିବ। କେବଳ ନିରି ଏବଂ ପେସୋ ପ୍ରମାଣିତ ସବୁଜ ବାଣ ବ୍ୟବହାର କରିବାକୁ ଅନୁମତି ଦିଆଯିବ ଏବଂ ବାହାରୁ ବାଣ ଆମଦାନି ସମ୍ପୂର୍ଣ୍ଣ ନିଷିଦ୍ଧ କରାଯିବ। ନିୟମ ଉଲ୍ଲଂଘନକାରୀଙ୍କୁ ଲାଇସେନ୍ସ ବାତିଲ ଏବଂ ଜରିମାନାର ସମ୍ମୁଖୀନ ହେବାକୁ ପଡିବ। ଦିଲ୍ଲୀ ସରକାରୀ ଅଧିକାରୀମାନଙ୍କୁ ବ୍ୟକ୍ତିଗତ ଭାବରେ ଦାୟୀ କରାଯିବ। କୌଣସି ପ୍ରକାରର ଶିଥିଳତାକୁ ବରଦାସ୍ତ କରାଯିବ ନାହିଁ ବୋଲି ସୁପ୍ରିମକୋର୍ଟ କହିଛନ୍ତି।

# ଇସିଙ୍କ ମାର୍ଗଦର୍ଶିକା: ବିନା ଅନୁମତିରେ ବିଜ୍ଞାପନ ପ୍ରକାଶ କରିପାରିବେନି

ନୂଆଦିଲ୍ଲୀ: ଆସନ୍ତା ନଭେମ୍ବରରେ ବିହାର ବିଧାନସଭା ନିର୍ବାଚନ ସମେତ ୭ ରାଜ୍ୟର ୮ଟି ବିଧାନସଭା ଆସନରେ ଉପନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଛି। ଏହି ପରିପ୍ରେକ୍ଷୀରେ ନିର୍ବାଚନ କମିସନ (ଇସି)ଙ୍କ ପକ୍ଷରୁ ମଙ୍ଗଳବାର ସବୁ ପଞ୍ଜିକୃତ ରାଜନୈତିକ ଦଳ ଏବଂ ପ୍ରାର୍ଥୀଙ୍କ ପାଇଁ ସାନି ମାର୍ଗଦର୍ଶିକା ଜାରି କରାଯାଇଛି। ଏଥିରେ ବୈଦ୍ୟୁତିକ ଗଣମାଧ୍ୟମ ସମେତ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମରେ ରାଜନୈତିକ ଦଳଗୁଡ଼ିକ ନିଜ ବିଜ୍ଞାପନ ପ୍ରକାଶ କରିବା ପୂର୍ବରୁ ଇସିଙ୍କ ଅନୁମତି ଲୋଡିବା ଜରୁରୀ ବୋଲି କୁହାଯାଇଛି। ସେହିପରି ଅନୁମତି ବିନା ଇଣ୍ଟରନେଟ୍ ଦ୍ୱାରା ପରିଚାଳିତ ମିଡିଆ କିମ୍ବା ୱେବସାଇଟ୍‌ରେ ରାଜନୈତିକ ବିଜ୍ଞାପନ ପ୍ରସାରିତ ହୋଇପାରିବ ନାହିଁ। ସାଂପ୍ରତିକ ସମୟରେ ସାମାଜିକ ଗଣମାଧ୍ୟମର ପ୍ରଭାବ ବୃଦ୍ଧି ପାଉଥିବାରୁ ପ୍ରାର୍ଥିପତ୍ର ଦାଖଲ ପୂର୍ବରୁ ପ୍ରତ୍ୟେକ ପ୍ରାର୍ଥୀଙ୍କୁ ସେମାନଙ୍କର ସୋସିଆଲ ମିଡିଆ ଆକାଉଣ୍ଟ ସମ୍ପର୍କରେ ବିସ୍ତୃତ ବିବରଣୀ ଦାଖଲ କରିବାକୁ ପଡିବ ବୋଲି ଇସି କହିଛନ୍ତି।

ଲୋକ ପ୍ରତିନିଧି ଆଇନ, ୧୯୫୧ର ଧାରା ୭୭(୧) ଏବଂ ପରବର୍ତ୍ତୀ ସମୟରେ ସୁପ୍ରିମକୋର୍ଟ ଜାରି କରିଥିବା ନିର୍ଦ୍ଦେଶ ଅନୁଯାୟୀ ନିର୍ବାଚନ ଶେଷ ହେବାର ୭୫ ଦିନ ମଧ୍ୟରେ ପ୍ରତ୍ୟେକ ରାଜନୈତିକ ଦଳ ସେମାନଙ୍କର ନିର୍ବାଚନ ଖର୍ଚ୍ଚ (ସୋସିଆଲ ମିଡିଆ ଏବଂ ଅନଲାଇନ ବିଜ୍ଞାପନକୁ ମିଶାଇ) ତାଲିକା ଇସିଙ୍କ ନିକଟରେ ଦାଖଲ କରିବାକୁ ବାଧ୍ୟହେବେ। ଏସବୁକୁ ତଦାରଖ କରିବାକୁ ପାଇଁ ଜିଲ୍ଲା ଓ ରାଜ୍ୟସ୍ତରରେ ଇସିଙ୍କ ପକ୍ଷରୁ ମିଡିଆ ସାର୍ଟିଫିକେସନ କମିଟି ସ୍ଥାପନ କରାଯାଇଛି। ରାଜନୈତିକ ଦଳ ଏବଂ ନିର୍ବାଚନ ଲଢୁଥିବା ପ୍ରାର୍ଥୀଙ୍କ ବିଜ୍ଞାପନ ପ୍ରକାଶନ ପୂର୍ବରୁ ଏହି କମିଟି ସଂପୃକ୍ତ ବିଜ୍ଞାପନର ବିଷୟବସ୍ତୁ ତଦାରଖ କରିବ।

## ସାନ ନୁହେଁ ସାନ

ବାବା କିଣିଥିଲେ ଭଳି ଭଳି ବାଣ
ଫୁଟେଇବା ପାଇଁ ସାଙ୍ଗ,
ଚୁଡୁଗୁଡ଼ିଆ, ଦିଆସିଲି ବାଣ
ସାଥେ ଥିଲା କୁମ୍ଭି, ଚେଙ୍ଗ ।
ସାଙ୍ଗ ନେଇଗଲେ ବାବାଙ୍କ ହାତରୁ
ଦେଖିଲେ ନିଠେଇ କରି,
ବାବା ଆଣିଥିଲେ ଅତି ଯତନରେ
ଗୁଡ଼େଇ ରଙ୍ଗିନ ଜରି ।
ଗତକାଲି ସାଙ୍ଗ ଦେଖିଥିଲେ ଟି.ଭି
ସମାଚାର ପଢ଼ା ହେଲା,
ବାଣ ଫୁଟେଇକି ଛୋଟ ପିଲାଟିର
ହାତ, ଆଖି ଜଳିଗଲା।
ରାଗେ ଗରଗର ସାଙ୍ଗ ଫରଫର
ମାମା ପାଖକୁ ତ ଗଲେ,
ପାଟିକୁ ତାଙ୍କର ଯାହା ବି ଆସିଲା
ଏକାଥରେ ଗପି ଗଲେ ।
କହିଲେ, ବାବାଙ୍କୁ କହିନାହିଁ ମୁହିଁ
ଆଣିଛନ୍ତି କାଇଁ ବାଣ,
ମାରାତ୍ମକ ବାଣ ଫୁଟେଇକି ପରା
ମରୁଛନ୍ତି ଜଣ ଜଣ ।
ବାଣରୁ ବାହାରେ ଅଙ୍ଗାରକାମଳ
ଆମକୁ ବିପଦ ବେଶି,
ଜୀବଜଗତର ସିଏ ବଡ଼ ଶତ୍ରୁ
କହିଦେଲେ ସାଙ୍ଗ ହସି ।
କାନମୁଣ୍ଡା ହେଲା ଭାଁ...ଭାଁ...ବାବା
ପାରିଲେନି କିଛି କହି,
ମାମା କହୁଥିଲା ମୋ ପୁଅର ବୁଦ୍ଧି
ଦେଖିଲ କି ତୁମେ ନାହିଁ ?
ବାଣ ପଲିଥିନ୍ ହାତରେ ଧରେଇ
ସାଙ୍ଗ ଦେଲେ ଟିକେ ହସି,
କହିଲେ, ବାବା ହେ ଫେରାଅ ଏସବୁ
ଫେରେଇଲେ ହେବି ଖୁସି ।
ସାଙ୍ଗଙ୍କ ମୁହଁକୁ ବଲବଲ କରି
ଚାହିଁ ରହିଥିଲେ ବାବା,
କେଉଁଆଡୁ ସୂର୍ଯ୍ୟ ହୋଇଲେ ଉଦୟ
ଆଦି ଭାଇ ହେଲେ କାବା ।

**ମାଧବ ଚନ୍ଦ୍ର ଦାଶ**
ବ୍ରାହ୍ମଣକୁଶଡ଼ିହ
ଆଙ୍କୁଲାଚଟୀ, ଖୋର୍ଦ୍ଧା

## ପ୍ରିୟା

ପ୍ରିୟା ! ପର ନୁହେଁ ଅତି ଆପଣାର
କିନ୍ତୁ ଜାଣେନା ମୋ ପ୍ରିୟା କିଏ ?
କେବଳ କରେ ଅନୁଭବ
ହୃଦୟ କନ୍ଦରେ
ଅଛି ବୋଲି
ଜଣେ।
ଜାଣେନା ତା'ନାଁ
ମନେ ଆସେ ବାରବାର
କହିଯାଏ କାନେ ମୋର କଥା
ସୁନ୍ଦର ବାଣୀରେ
ତା'ର ମୋହିନିଏ ମନ
ଭରିଦିଏ ହୃଦୟରେ
ନୂତନ ଫଲ୍‌ଗୁର ଧାରା।
ପ୍ରାଣ ଜାଗିଉଠେ ମନ ହୁଏ ପୁଲକିତ
ଉଦାସ ଶରୀରେ ଭରେ ମାଦକତା
ଶୁଣାଏ ନବ ଚେତନାର ସ୍ୱର
ରଚିବାକୁ ସୁଖର ସଂସାର
କିଛି ମୁହୂର୍ତ୍ତ ପାଇଁ
ଅପସରେ
ଦୁଃଖ।
ପୁଣି
ଲାଗେ ସ୍ୱପ୍ନ
ନୁହେଁ ବାସ୍ତବତା
ବୋଧହୁଏ କେବଳ ଶୂନ୍ୟତା
ଚାରିଆଡ଼େ ଶୂନ୍ ଶାନ୍
ମଶାଣିର ପ୍ରହର
ନିଜକୁ ଲାଗେ
ଖାଁ ଖାଁ।
ସତେ !
ଏତେ ଅକିଞ୍ଚନ
କେହି ଜଣେ କହିଲେନି ପ୍ରିୟ
ଚାଲିଆସ ପାଖେ ମୋର
କରିବାକୁ ଆପଣାର
ବାସ୍ତବ ଜୀବନେ
ବଡ଼ ଦୁରୂହ
'ପ୍ରିୟା'।

**ଛବିଳ କୁମାର ସାହୁ**
କୁଣ୍ଡାପିଠା ଉଚ୍ଚ ବିଦ୍ୟାଳୟ, ଦେବଗଡ଼

## ଜାଗ୍ରତ ହୁଅ ଯୁବଶକ୍ତି

ଚିର ବୈଭବଶାଳୀ ଗୌରବମୟୀ
ବିଶ୍ୱ ଗୁରୁର ଯୁବଶକ୍ତି ହେଇ
କାହିଁକି ପଡ଼ିଛ ସୁପ୍ତ ହୋଇ
ଶରଶଯ୍ୟାରେ ରକ୍ତାକ୍ତ ଦେଶ
ତୁମ ନିଦ କିଆଁ ଭାଙ୍ଗୁନାହିଁ ?
ଭଗତ୍ ସଭରକର ସୁଭାଷ ଶିବାଜୀ
ମାଟିର ସନ୍ତାନ ଯୋଗ୍ୟ ଦାୟାଦ
ଦେଇ ଜୀବନକୁ ଜଳାଞ୍ଜଳି
ଲେଖି ଇତିହାସ ହୋଇଲେ ଅମର
କିଆଁ ଯାଉଅଛ ତାଙ୍କୁ ଭୁଲି ?
ଏ ଜାତିର ଐକ୍ୟ ଏକତା ପ୍ରତୀକ
ଭାଙ୍ଗେ ସୈତାନ୍ ସ୍ୱଷ୍ଟ ଦିବାଲୋକେ
କେମିତି ରହୁଛ ମଉନ କୁହ
ରଚୁଛି ଶାଗଣା ଗୁପ୍ତ ଷଡ଼ଯନ୍ତ୍ର
ଦିଅ ରାଷ୍ଟ୍ରଭକ୍ତି ପରିଚୟ ।
ସୁନାର ଚଢ଼େଇ ଡେଣା କାଟିବାକୁ
ଶାନ୍ତିର ପ୍ରଦୀପ ଲିଭେଇ ଦେବାକୁ
ଦେଶୀ ବିଦେଶୀଙ୍କ ଶତଚେଷ୍ଟା
ଭାଙ୍ଗିଦିଅ ତାଙ୍କ ମେରୁଦଣ୍ଡ ହାଡ଼
ଭୋଗନ୍ତୁ ନରକ ଦାରୁଣ ବ୍ୟଥା।
କିଛି ଅହଂକାରୀ କରନ୍ତି କଟାକ୍ଷ
ଆମ ଆସ୍ଥା ବିଶ୍ୱାସର ଦେବାଦେବୀ
ହୃଦୟରେ ଭୁଷି ତୀକ୍ଷ୍ଣ ଛୁରୀ
କାପୁରୁଷ ପରି ନୀରବରେ ବସ
ପଡୁନି ଛାତିରୁ ରକ୍ତ ଝରି ?
ଦୁର୍ଦ୍ଦିନର କଳାମେଘ ଆସେ ମାଡ଼ି
ଦେଶଦ୍ରୋହୀ ଡାକେ ଧ୍ୱଂସର କୁହୁଡି
ଅମଣିଷ ମନେ ଫନ୍ଦୀ ଫିକର
କ୍ଷତାକ୍ତ ରକ୍ତାକ୍ତ କରିବେ ଭାରତ
ବୁହେଇବେ ନଦୀ ରକତର ।
ଅଶାନ୍ତିର ବାଜା ବଜେଇ ବଜେଇ
ନାଚୁଛି ବର୍ବର ତାଥେଇ ତାଥେଇ
କରି ଧର୍ମାନ୍ଧତା ମୂଳପୁଞ୍ଜି
ସେମିତି ତତ୍ତ୍ୱକୁ ଉପାଡ଼ି ମୂଳରୁ
ବୁଣ ବେଦାନ୍ତର ଶାନ୍ତି ମଞ୍ଜି ।
ବୀର ପ୍ରସବିନୀ ମାଆର ସନ୍ତାନ
ଭାଗବତ ଶାସ୍ତ୍ର ବେଦର ବୈଭବ
ଆଉଥରେ ଉଜ୍ଜୀବିତ କର
ଭୁଲି ବିଭେଦତା ସଂକୀର୍ଣ୍ଣ ବିଚାର
ଦିଅ ପରିଚୟ ବୀରତ୍ୱର ।
ଏ ମାଟିର ମହାମନ୍ତ୍ର ପାଶୋରି
ନିଜର ସଭ୍ୟତା ସଂସ୍କୃତିକୁ ମାରି
ଦେଲେ ମାଆର ଆଖିରେ ଲୁହ
ସର୍ବନାଶ ହେବ ଅନ୍ଧାର ଘୋଟିବ
ଆଉ ଦେଖେଇ ହେବକି ମୁହଁ ?
ହେଲେ ସଚେତନ ହୋଇଲେ ଜାଗ୍ରତ
ପାପୀ ଦେଶଦ୍ରୋହୀ ହେବେ ଅସ୍ତବ୍ୟସ୍ତ
ପ୍ରଗତି ହୋଇବ ତ୍ୱରାନ୍ୱିତ
ଗୌରବଶାଳୀ ଶ୍ରେଷ୍ଠ ସଭ୍ୟତା ଆଗେ
ସାରା ବିଶ୍ୱ ହେବ ମଥାନତ ।
ସୁପ୍ତ ଯୁବଶକ୍ତି ହୁଅରେ ଜାଗ୍ରତ
ଆକାଶ ପବନ କର ପ୍ରକମ୍ପିତ
ଭାଙ୍ଗୁ ଚକ୍ରାନ୍ତକାରୀର ଅହଂକାର
କିର୍ତ୍ତୀମାନ ତୁମେ ଭବିଷ୍ୟତ ତୁମେ
ଲେଖ ଇତିହାସ ପୁନର୍ବାର ।

**ଭାସ୍କର ବାରିକ୍**
ବାସୁଦେବପୁର, ଭଦ୍ରକ

## ଶାଶୂଘର

କୁନି କୁନି ପାଦରେତ
ଥିରି ଥିରି ଚାଲିବୁ।
ଲାଜେ ଲାଜେ ଓଠ ଚାପି
ଟିକେ ଟିକେ ହସିବୁ ॥
ବର ତର ଆସିବଲୋ
ଗଜପତି ସାଜିକି।
ବାରାତିରେ ଆସିବସେ
ପାଲିଙ୍କିରେ ବସିକି ॥
ବୋହୂ କରି ନବ ତୋତେ
ତା'ଘରକୁ ଜତନେ।
କଥା ଥିରି କହିବୁଲୋ
ରହିବୁନି ମଉନେ ॥
ଆସି ବସେ ତୋ' ପାଖକୁ
ତୋ ବାସର ରାତିରେ।
ଓଢ଼ଣୀ ତ ଖୋଲିବସେ
ବସି ତୋର ପାଖରେ ॥
କେତେ କଥା କହିବ ସେ
ଚୁପି ଚୁପି କାନରେ।
ସବୁ କଥା ଶୁଣିବୁଲୋ
ରଖିଥିବୁ ମନରେ ॥
ଶାଶୂ ଶ୍ୱଶୁରଙ୍କ କଥା
ଟିକିନିକି ମାନିବୁ।
ବାପା ଘର ଭୁଲିଯାଇ
ଶାଶୂ ଘରେ ରହିବୁ ॥

**ଦିଗମ୍ବର ବେହେରା**
କୁମୁଟିଗୁଡ଼ା, ମାଲକାନଗିରି

## ଦୁଃଖ

ଯଦି ପାରିବ
ଗାଁ ମୁଣ୍ଡେ ଥିବା ସେ
ବିଧବା ଘରଆଡ଼େ
ଟିକେ ବୁଲିଆସିବ
ଯୋଉଠି ଭାତ ହାଣ୍ଡିରେ
ନିଇତି ଫୁଟୁଥାଏ
ତା' ଅବଶିଷ୍ଟ ଆୟୁଷର
ପ୍ରତ୍ୟେକ ଟୁକୁଡ଼ା
ଯଦି ପାରିବ
ଦେଉଳ ଆଡ଼େ ଟିକେ
ବୁଲିଆସିବ।
ଯଦିପାରିବ
ମେଳଛା ଗାମୁଛାରେ
ମୁହଁ ଝାଳ ପୋଛି ପକଉଥିବା
ବାପାର ଆଖିରେ ଟିକେ
ଆଖି ମିଶେଇବ
ଯୋଉ ଆଖିରୁ
ସିନ୍ଦୁକେ ସ୍ୱପ୍ନ
ଝୁର୍ ଝୁର୍ ହେଇ ଝରିପଡ଼େ
ଲୁଣିଆ ଝାଳ ସାଙ୍ଗରେ
ତା' ପରେ
ହୁଏତ ବୁଝିପାରିବ
କେତେ ଲମ୍ବ ଥାଏ
ଦୁଃଖର ବ୍ୟାସାର୍ଦ୍ଧରେ

**ସୁବ୍ରତ କୁମାର ସାହୁ**
ମେଣ୍ଡରାଜପୁର, ଗଞ୍ଜାମ

# ମହତ ରକ୍ଷା

**ରାଧାରାଣୀ ତ୍ରିପାଠୀ**



ଶ୍ୱଶୁରଙ୍କ ଖାଇବା ଜଞ୍ଜାଳ ତୁଟେଇ ସାରି ପୁଅକୁ ଧରି ଟିକେ ବିଶ୍ରାମ ନେବାକୁ ଚାହିଁଲା ରାଣୀ। ମାତ୍ର ଅଢ଼େଇ ମାସର ଛୁଆ। ମାଆକୋଳ ତ ଖୋଜିବ ହିଁ। ଅବଶ୍ୟ ବର୍ତ୍ତମାନ ଦିନ ଏଗାରଟା ହୋଇଛି। ଦିଅର ନଳିନୀ ଅଫିସ୍‌ରୁ ଫେରୁ ଫେରୁ ଦେଢ଼ଟା ହେବ। ଏ ଭିତରେ କିଛି ସମୟ ଗଡ଼ି ପାରିବ ରାଣୀ। ଗଡୁ ଗଡୁ କେତେବେଳେ ନିଦ ହୋଇ ଯାଇଛି, ତାର ଜଣା ନାହିଁ।

ତା' କୋଠରୀ ବାହାରେ ଶାଶୂଙ୍କ ତୁମ୍ଭି ତୋଫାନର ଶବ୍ଦ ଶୁଣି ରାଣୀର ନିଦ ଭାଙ୍ଗିଗଲା। ଶାଶୂଙ୍କ ମୁହଁରୁ ଏମିତିକା ମଧୁର ସମ୍ଭାଷଣ ଅଧିକାଂଶ ସମୟରେ ରାଣୀ ପାଇଁ ହିଁ ବାହାରେ। ଆଜି କା' ଭାଗ୍ୟରେ ଜୁଟିଛି କେଜାଣି ? ନହେଲେ ରାଣୀର ବାପଘର ଛପନ ପୁରୁଷଙ୍କ ଦିଶହ ଚବିଶ ଥର ଉଦ୍ଧାର ହୋଇଯାଏ କ୍ଷଣିକ ଭିତରେ। ବେଳେବେଳେ ସାଇପଡ଼ିଶାଙ୍କ ବି। 'ଆରେ ଆଜି ତ ସାଇର ଦୁତିକା ବିଶାଖା ଆଉ ଚିତ୍ରଲେଖାର କ'ଣ ସୋର ଶବଦ ନାହିଁ!' ମନେ ମନେ ଭାବିଲା ରାଣୀ। 'ନା ଏହା ତ ପୁରା ଅସମ୍ଭବ।'

ନଳିନୀର ପାଟି ବାଜୁଛି। ହାତଘଣ୍ଟାକୁ ଚାହିଁଲା ରାଣୀ। ଆରେ ବାପ୍‌ରେ ଦେଢ଼ଟା ଉପରେ। ଏବେ ତ ଅପେରା ଜମିବ। ଶାଶୂଙ୍କ ସହିତ ତାଳ ମିଳାଇବେ ଦୁତିକା ବିଶାଖା। ଚିତ୍ରଲେଖା ଆହୁତି ଢାଳିବ ଆଉ ନଳିନୀବାବୁଁ ଆମର ତଡ଼୍‌କା ଲଗାଇବେ ଆଉ କ'ଣ ? ଟୋକା ଖଣ୍ଡକ ଖାଲି ମାଇପି ନାଁ ପାଇନାହିଁ, ମାଇପି ଚରିତ୍ର ବି ସବୁ ରଖିଛି। ଲିଭି ଆସୁଥିବା ଦୀପଶିଖାରେ ପେଟ୍ରୋଲ୍ ଢାଳି ଧମାକା କରିବା ତାର ପୁରୁଣା ଖୋଇ। ସେ ଯାହା ହେଉ ତରତର ହୋଇ ଦୁଆର ଖୋଲିଦେଲା ରାଣୀ। "ଆରେ ନଳିନୀ ! କେତେବେଳେ ଆସିଲ ? ହାତଗୋଡ଼ ଧୁଆଧୋଇ ହୋଇ ଆସ। ମୁଁ ଖାଇବା ବାଢୁଛି।" ରାଣୀର କଥାକୁ ଗୁରୁତ୍ୱ ନଦେଇ ମା'ଙ୍କ କଥାର ମଜା ଉଠାଇବାରେ ବ୍ୟସ୍ତ ସେ।

ସିଆଇଡି ଅଫିସର୍ ପରି ଶ୍ୱଶୁରଙ୍କୁ ଜେରା କରୁଥାନ୍ତି ଶାଶୂ।

– ସତ କୁହ, କିଏ ଖାଇଛି ? କାରଣ ତୁମେ ତ କେବେ କଖାରୁ ଫୁଲ ଭଜା ଖାଅ ନାହିଁ।'

ଶ୍ୱଶୁରଙ୍କ ପାଟିଖନୀ ବାଜି ଯାଉଥାଏ। ଥଥ, ମମ ହୋଇ ଏପଟସେପଟ ଚାହୁଁଥାନ୍ତି। କାହିଁକି ଯେ ସତ ଲୁଚାଉ ଥାନ୍ତି। ତାଙ୍କ ପାଇଁ ଭାତ ବାଢ଼ିବା ବେଳେ ରାଣୀ ପଚାରିଥିଲା – କଖାରୁ ଫୁଲ ଭଜା ଦେବି କି ବାପା ?

ନିଜେ ଖାଇବା ପାଇଁ ମନା କରିଦେଲେ। କିନ୍ତୁ ବଡ଼ ବାହାଦୁରିର ସହ କହିଥିଲେ– ତୁ ଖାଇବୁ ଯଦି ଖାଆ ମାଆ। ଯାହା ହେବ ମୁଁ ସମ୍ଭାଳି ନେବି।

କୁନ୍ଥୁ କୁନ୍ଥୁ ହେଉଥିଲା ରାଣୀ। ହେଲେ ଶ୍ୱଶୁରଙ୍କ ଆଗ୍ରହ ଏଡ଼ି ପାରିନଥିଲା। ତାର ଫଳଶ୍ରୁତି ସ୍ୱରୂପ ବର୍ତ୍ତମାନର ତାମସା। ରାଣୀ ଆକାଶରୁ ଖସି ପଡ଼ିଲା ଯେମିତି। ହେ ଭଗବାନ ! ତାହା ହେଲେ ଏବେ ଏଇଠି କଖାରୁ ଫୁଲ ଉପାଖ୍ୟାନ ଚାଲିଛି। ପୁଣିଥରେ ନଳିନୀକୁ ଡାକିଲା ରାଣୀ– ଏଇ ନଳିନୀ ଆସିଲ, ମୁଁ ତୁମ ପାଇଁ ଖାଇବା ବାଢ଼ି ଦିଏ।

– ହେ ରୁହ ଭାଉଜ ! ଖାଇବି କ'ଣ ? ଶୁଣୁଛ ତ। ଘରୁ ତରକାରୀ ଚୋରି ହୋଇଛି ନା ଆମ ଘରର ଇଷ୍ଟଦେବୀ ଲୁଚେଇ ଖାଇ ଯାଇଛନ୍ତି ଯେ ତାର ଖୋଜ ଖବର ଚାଲିଛି। ଟିକେ ଚୁପ୍ କର। ଅଯଥା ହଇରାଣ କର ନାହିଁ।

କହିଲା ନଳିନୀ। ମୁହଁରେ ତାର ଫୁଟି ଉଠୁଥିଲା କୁଟିଳ ହସ।

– ଆରେ ଚୋରି ହେବ କାହିଁକି ନା ଇଷ୍ଟଦେବୀ କାହିଁକି ଖାଇବେ ? ମୁଁ ଫୋପାଡ଼ି ଦେଇଛି। ଡାହାମିଛ କହି ପକାଇଲା ରାଣୀ।

– ବାପାଙ୍କ ପାଇଁ ଖାଇବା ବାଢ଼ିବା ବେଳେ ଭାତରୁ ଘୋଡ଼ଣୀ କାଢୁକାଢୁ କଖାରୁ ଫୁଲ ଭଜା ଦିଖଣ୍ଡ ତଳେ ପଡ଼ିଗଲା। ସେଥିପାଇଁ ମୁଁ ତାକୁ ଫୋପାଡ଼ି ଦେଲି।

ଆଜି ରାଣୀକୁ ଏକ ଶିକ୍ଷା ଦେଲା ଜୀବନ। ଜଣେ ଶ୍ୱଶୁର ବୋହୂର ମହତ ରଖିବା ନିମନ୍ତେ ସତ ଲୁଚାଇଲେ। ଆଉ ଜଣେ ବୋହୂ ଶ୍ୱଶୁରଙ୍କ ଇଜ୍ଜତ ରଖିବା ପାଇଁ ବିନାଦ୍ୱିଧାରେ ମିଛ କହି ପକାଇଲା।

**ଡୁଙ୍ଗୁରିପାଲି, ସୁବର୍ଣ୍ଣପୁର**







# ଡେନିମ୍ ଶାଢ଼ି ଫ୍ୟାଶନ

**ଅଲ୍ ଟାଇମ୍ ଫ୍ୟାଶନେବଲ୍ ଲୁକ୍ ଦିଏ ଶାଢ଼ି। ସେଥିପାଇଁ ଏହା ବିଭିନ୍ନ ଫାବ୍ରିକ୍‌ରେ ଉପଲବ୍ଧ ହୁଏ। ସେମିତି ଆସିଛି ଡେନିମ୍ ଶାଢ଼ିର ଟ୍ରେଣ୍ଡ୍। ଏହି ଶାଢ଼ିର ଫାବ୍ରିକ୍ ସମ୍ପୂର୍ଣ୍ଣ ଡେନିମ୍ ମ୍ୟାଟେରିଆଲ୍ ନ ହେଲେ ବି ଏଥିରେ ଯେଉଁ ଡିଟେଲିଙ୍ଗ୍ କାମ କରାଯାଉଛି ତାହା ଡେନିମ୍ ଫାବ୍ରିକ୍‌ର ରହୁଛି...**

ଡେନିମ୍ ଫ୍ୟାଶନ୍ କେବେ ବି ଆଉଟ୍ ଡେଟେଡ୍ ହୁଏନି। ଏହାର ପ୍ୟାଣ୍ଟ୍ ହେଉକି ସ୍କର୍ଟ ଅଥବା ଜ୍ୟାକେଟ୍ ସବୁକିଛି ବେଶ୍ ଟ୍ରେଣ୍ଡି ଲାଗେ। ଆଉ ଏବେ ତ ଡେନିମ୍ ଶାଢ଼ିର ବି ଫ୍ୟାଶନ ଆସିଗଲାଣି। ଏହି ଟାଇପ୍‌ର ଶାଢ଼ି ସାଧାରଣତଃ ସିମ୍ପଲ ଫାବ୍ରିକ୍‌ରେ ତିଆରି ହୋଇଥାଏ। କିନ୍ତୁ ଏଥିରେ ଯେଉଁ ଡିଟେଲିଙ୍ଗ୍‌ର କାମ ହୋଇଥାଏ, ତାହା ଡେନିମ୍ ଫାବ୍ରିକ୍‌ର ହୋଇଥାଏ। ସେଥିପାଇଁ ଏହାକୁ ଡେନିମ୍ ଶାଢ଼ି ବୋଲି କୁହାଯାଏ। ଜାଣନ୍ତୁ ଏହାର କିଛି ଲାଟେଷ୍ଟ ଡିଜାଇନ୍ ସମ୍ପର୍କରେ...

* **ଷ୍ଟାଇଲିଶ୍ ଡେନିମ୍ ଶାଢ଼ି:** ଟିକେ ଡିଫରେଣ୍ଟ୍ ଶାଢ଼ି ଲୁକ୍ ପାଇବାକୁ ଇଚ୍ଛା ଥିଲେ ଡେନିମ୍ ଶାଢ଼ି ଏକ ଭଲ ବିକଳ୍ପ ହୋଇପାରେ। ସାଧାରଣତଃ ଏହି ଟାଇପ୍ ଶାଢ଼ିର ପଲ୍ଲୁ, ବଡି ଓ ବର୍ଡର୍‌ରେ କଟ୍ ଆଉଟ୍ ଡେନିମ୍ ଡିଜାଇନ୍ ହୋଇଥିବା ଦେଖିବାକୁ ମିଳିଥାଏ। ଏହି ଶାଢ଼ିକୁ ମ୍ୟାଚିଂ କରି ଡେନିମ୍ ଡିଜାଇନ୍‌ର ବ୍ଲାଉଜ୍ ପିନ୍ଧିଲେ ଲୁକ୍ ବେଶ୍ ଆକର୍ଷଣୀୟ ଦେଖାଯାଇଥାଏ।

* **ପ୍ଲେନ୍ ଡେନିମ୍ ଶାଢ଼ି:** ଏହି ଶାଢ଼ି ଡେନିମ୍ ଫାବ୍ରିକ୍‌ରେ ତିଆରି ହୋଇଥାଏ ସତ କିନ୍ତୁ ପିନ୍ଧିବାକୁ ବେଶ୍ ସଫ୍ଟ ଲାଗିଥାଏ। ଖାସ୍ କରି ଶୀତଦିନେ ପିନ୍ଧିବା ପାଇଁ ଏହି ଟାଇପ୍‌ର ଶାଢ଼ି ବେଷ୍ଟ୍ ହୋଇଥାଏ।

* **କଟ୍ ଆଉଟ୍ ଡିଜାଇନ୍‌ର ଡେନିମ୍ ଶାଢ଼ି:** ଟିକେ ୟୁନିକ୍ ଷ୍ଟାଇଲ୍ ପାଇଁ ଯୁବତୀ ଚାହିଁଲେ କଟ୍ ଆଉଟ୍ ଡିଜାଇନ୍‌ର ଡେନିମ୍ ଶାଢ଼ି ବି ଟ୍ରାଏ କରିପାରିବେ। ଏହି ଟାଇପ୍‌ର ଶାଢ଼ି ପ୍ଲେନ୍ ହୋଇଥିଲେ ହେଁ ଏହାର ପଲ୍ଲୁରେ କଟ୍ ଆଉଟ୍ ଡିଜାଇନ୍ ହୋଇଥିବା ଯୋଗୁ ଏହା ଶାଢ଼ିକୁ ଟିକେ ଡିଫରେଣ୍ଟ୍ ଲୁକ୍ ଦେଇଥାଏ। ସବୁଠୁ ଖାସ୍ କଥା ହେଉଛି ଏହି ଶାଢ଼ିକୁ ଯେ କୌଣସି ଅକେଜନ୍‌ରେ ପିନ୍ଧି ଆକର୍ଷଣୀୟ ଲୁକ୍ ପାଇହୁଏ।

* **ଡେନିମ୍ ଶାଢ଼ି ଜ୍ୟାକେଟ୍:** ଏହି ଟାଇପ୍‌ର ଶାଢ଼ି ଯୁବତୀଙ୍କୁ ସ୍ମାର୍ଟ ଲୁକ୍ ଦେଇଥାଏ। ଏହି ଶାଢ଼ିର ପଲ୍ଲୁ ଓ ବର୍ଡରରେ ଡେନିମ୍‌ର ଡିଟେଲିଙ୍ଗ୍ ହୋଇଥାଏ। ତା'ସହିତ ଏହା ଉପରେ ଡେନିମ୍ ଜ୍ୟାକେଟ୍ ପିନ୍ଧିଦେଲେ ଏହା ଲୁକ୍‌କୁ ଆହୁରି ସୁନ୍ଦର କରି ଦେଇଥାଏ। ଖାସ୍‌କରି ଏମ୍ବ୍ରୋଏଡୋରୀ କାମ ହୋଇଥିବା ଡେନିମ୍ ଜ୍ୟାକେଟ୍‌କୁ ଶାଢ଼ି ଉପରେ ପିନ୍ଧିଲେ ଟିକେ ଡିଫରେଣ୍ଟ୍ ଲୁକ୍ ମିଳିଥାଏ।

## କିଛି ଟିପ୍ସ

– ଡେନିମ୍ ଡିଜାଇନ୍‌ର ଶାଢ଼ି ସାଙ୍ଗକୁ ମେଟାଲିକ୍ କିମ୍ବା ସିଲଭର୍ ଜୁଏଲେରୀ ପିନ୍ଧିଲେ ଲୁକ୍ ବେଶ୍ ସୁନ୍ଦର ଦେଖାଯାଇଥାଏ।

– ଲେଦର ଆସେସରିଜ୍ ବି ଏହି ଟାଇପ୍‌ର ଶାଢ଼ି ସାଙ୍ଗକୁ ଭଲ ମାନିଥାଏ।





## ଗୃହ ପ୍ରବେଶ ସମୟରେ କ୍ଷୀର ଫୁଟାଇବାର କାରଣ

ଗୃହ ପ୍ରବେଶର ଅନେକ ପରମ୍ପରା ମଧ୍ୟରୁ ଗୋଟିଏ ହେଉଛି 'କ୍ଷୀର ଫୁଟାଇବା'। ଏହାକୁ ଏକ ଗୁରୁତ୍ୱପୂର୍ଣ୍ଣ ବିଧି ଭାବରେ ବିବେଚନା କରାଯାଏ। ଏହି ବିଧିରେ ନୂତନ ରୋଷେଇ ଘରେ କ୍ଷୀର ଫୁଟାଯାଏ। ଫୁଟୁଥିବା କ୍ଷୀର ଚୁଲିରେ ପଡ଼ିବା ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ସାଧାରଣତଃ କ୍ଷୀର ଫୁଟି ବାରମ୍ବାର ତଳେ ପଡ଼ିବା ଭଲ ବୋଲି ବିବେଚନା କରାଯାଏ ନାହିଁ। କିନ୍ତୁ ଗୃହ ପ୍ରବେଶ ସମୟରେ ଏହି ବିଧି କରିବାର ପରମ୍ପରା ବର୍ଷ ବର୍ଷ ଧରି ଚାଲି ଆସୁଛି।

ହିନ୍ଦୁଧର୍ମରେ କ୍ଷୀରକୁ ସମୃଦ୍ଧି ଏବଂ ପବିତ୍ରତାର ପ୍ରତୀକ ଭାବରେ ବିବେଚନା କରାଯାଏ। ଯେତେବେଳେ କେହି ନୂତନ ଘରେ ପ୍ରବେଶ କରନ୍ତି, ସେତେବେଳେ ନୂତନ ଚୁଲିରେ କ୍ଷୀର ଫୁଟାଯାଏ ଏବଂ ଏହା ସୁନିଶ୍ଚିତ କରାଯାଏ ଯେ, କ୍ଷୀର ଉଛୁଳିଯାଏ ଏବଂ ଫୁଟିବା ପରେ ତଳେ ପଡ଼ିଯାଏ । ତା'ପରେ ଚୁଲି ବନ୍ଦ କରାଯାଏ। ଯେତେବେଳେ କ୍ଷୀର ଉତୁରି ଚୁଲି ଉପରେ ପଡ଼ିଯାଏ, ଏହା ଘରର ସୁଖ ଏବଂ ସମୃଦ୍ଧିକୁ ବୃଦ୍ଧି କରେ ବୋଲି ବିଶ୍ୱାସ ରହିଛି। କ୍ଷୀର ଉତୁରି ପାତ୍ରରୁ ଯେମିତି ବାହାରକୁ ଆସେ, ସେହିପରି ଘରର ସୁଖ ଏବଂ ସମୃଦ୍ଧି ମଧ୍ୟ ଉଛୁଳି ବାହାରକୁ ଆସେ।

ଆଉ ଏକ ବିଶ୍ୱାସ ହେଉଛି, ନୂଆ ଘର ନିର୍ମାଣ ସମୟରେ ନକାରାତ୍ମକ ଶକ୍ତି କିମ୍ବା ବାସ୍ତୁ ଦୋଷ ଦ୍ୱାରା ପ୍ରଭାବିତ ହେବାର ଭୟ ଥାଏ। କ୍ଷୀରରେ ପବିତ୍ରତା ଏବଂ ଶୁଦ୍ଧିର ଗୁଣ ଥାଏ। ତେଣୁ କ୍ଷୀରରୁ ବାହାରୁଥିବା ବାଷ୍ପ ନକାରାତ୍ମକ ଶକ୍ତିକୁ ଦୂର କରେ ଏବଂ ପରିବେଶକୁ ପବିତ୍ର କରେ।

ଜ୍ୟୋତିଷ ଶାସ୍ତ୍ର ଅନୁଯାୟୀ, କ୍ଷୀରକୁ ଚନ୍ଦ୍ରର କାରକ ଏବଂ ଚୁଲି (ଅଗ୍ନି)କୁ ମଙ୍ଗଳର କାରକ ବୋଲି ବିବେଚନା କରାଯାଏ। ଗୃହନିର୍ମାଣ ସମୟରେ ଚୁଲିରେ କ୍ଷୀର ପଡ଼ିବା ମଙ୍ଗଳ ଏବଂ ଚନ୍ଦ୍ରଙ୍କ ଏକ ଶୁଭ ମିଳନ ବୋଲି ବିଶ୍ୱାସ ରହିଛି।



# ଆଲ୍‌ଜିମର୍ସ

ଆମେ ସମ୍ମୁଖୀନ ହେଉଥିବା ପ୍ରମୁଖ ସ୍ୱାସ୍ଥ୍ୟ ସମସ୍ୟା ମଧ୍ୟରୁ 'ଆଲ୍‌ଜିମର୍ସ' ଅନ୍ୟତମ। ଆଲୋଏ ଆଲ୍‌ଜିମର୍ସ ନାମକ ଜଣେ ଡାକ୍ତରଙ୍କ ନାମରେ ଏହି ରୋଗଟି ନାମିତ। କାରଣ ସେ ଥିଲେ ଏହି ରୋଗର ଆବିଷ୍କର୍ତ୍ତା। ହେଲେ ୧୯୦୭ ମସିହାରେ ଆବିଷ୍କୃତ ଏହି ରୋଗଟି ଚିକିତ୍ସା ବିଜ୍ଞାନୀଙ୍କ ସ୍ୱୀକୃତି ପାଇଲା। ଉକ୍ତ ରୋଗରେ ସ୍ମରଣଶକ୍ତି ଲୋପ ପାଇଯିବା ହେଉଛି ପ୍ରଧାନ ଲକ୍ଷଣ। ଏ ସମ୍ପର୍କରେ ଡା. ନିତ୍ୟାନନ୍ଦ ସ୍ୱାଇଁ କହନ୍ତି, 'ଆଲ୍‌ଜିମର୍ସ' ରୋଗ ହେଲେ ରୋଗୀର ଶରୀର ଓ ମନ ପରସ୍ପରଠାରୁ ବିଚ୍ଛିନ୍ନ ହୋଇପଡ଼ିବା ଭଳି ଅବସ୍ଥା ଉପୁଜିଥାଏ। ତେଣୁ ଏହାକୁ କୁହାଯାଉଛି 'ମନ ହଜି ଯାଇଥିବା ରୋଗ' ଓ ରୋଗୀକୁ କୁହାଯାଉଛି 'ମନ ନ ଥିବା ମଣିଷ'। ରୋଗୀଠାରେ ସ୍ମରଣ ଶକ୍ତି, ବିଶେଷକରି ସଦ୍ୟ ସ୍ମୃତି ଲୋପ ପାଇଯିବାରୁ ତାହାର ଜୀବନ ହୋଇ ଉଠେ ଦୁର୍ବିସହ। ଏକ ଅଭିଶପ୍ତ ଜୀବନକୁ ବୋହି ସେ ହୁଏ ଶ୍ମଶାନବାସୀ।

ଆଲ୍‌ଜିମର୍ସ ପ୍ରତି ସତର୍କ ରହିବା ନିହାତି ଜରୁରୀ। ପାଶ୍ଚାତ୍ୟ ଅଧିବାସୀଙ୍କ ତୁଳନାରେ ଆମ ଦେଶରେ ଆଲ୍‌ଜିମର୍ସ ରୋଗୀସଂଖ୍ୟା ଯଥେଷ୍ଟ କମ୍। ଆଲ୍‌ଜିମର୍ସ ରୋଗ ପ୍ରକାଶ ପାଏ ୫୦ ବର୍ଷ ବୟସ ପରେ। ଜାଣିରଖିବା କଥା ଯେ, ଆଲ୍‌ଜିମର୍ସର ଲକ୍ଷଣ ପ୍ରକାଶ ପାଇବା ପୂର୍ବରୁ ମସ୍ତିଷ୍କରେ ରୋଗଟିର ମୂଳଦୁଆ ପଡ଼ିସାରିଥାଏ। ରୋଗୀ ଅନେକ କଥା ସହଜରେ ମନେପକେଇ ପାରେନି। ଭୁଲିଯାଏ ସେମାନଙ୍କ ନାଁ। ଘର ଛାଡ଼ି ବାହାରକୁ ଯାଇଥିଲେ ଫେରିବା ରାସ୍ତାକୁ ଠଉରେଇ ନ ପାରି ଘରକୁ ଫେରିପାରେନି। ପଇସାପତ୍ର ଧାର ଦେଇଥିଲେ ତାହାକୁ ପରିଶୋଧ କରିବାକୁ ଭୁଲିଯାଏ। କଥାବାର୍ତ୍ତା କରିବା ସମୟରେ ଠିକ୍ ଶବ୍ଦ ଠିକ୍ ଜାଗାରେ ମୁଣ୍ଡକୁ ଢୁକି ନ ଥାଏ। ଏପରି କି ଆତ୍ମୀୟଙ୍କ ମୃତ୍ୟୁରେ ବି ତା'ଠାରେ କୌଣସି ପ୍ରତିକ୍ରିୟା ପରିଲକ୍ଷିତ ହୋଇ ନ ଥାଏ। ବୟସ ୬୫ରୁ ଊର୍ଦ୍ଧ୍ୱ ହୋଇଗଲେ ଆଲ୍‌ଜିମର୍ସ ବାହାରିବା ଆଶଙ୍କା ବେଶି। ପୁରୁଷମାନଙ୍କ ଅପେକ୍ଷା ମହିଳାମାନେ ଏବଂ ଶିକ୍ଷିତ ବ୍ୟକ୍ତିଙ୍କ ଅପେକ୍ଷା ଅଶିକ୍ଷିତ ବ୍ୟକ୍ତି ରୋଗଟି ପ୍ରତି ବେଶୀ ସମ୍ବେଦନଶୀଳ। ଏପରିକି ୨୦୫୦ ମସିହା ବେଳକୁ ଆଲ୍‌ଜିମର୍ସ ରୋଗୀଙ୍କ ସଂଖ୍ୟା ତିନିଗୁଣ ବଢ଼ିଯାଇଥିବ ବୋଲି ଆକଳନ କରାଗଲାଣି। ସୁତରାଂ କାଳ ବିଳମ୍ବ ନ କରି ଏଥିପ୍ରତି ସତର୍କ ହୋଇଯିବା ବାଞ୍ଛନୀୟ। ତେବେ ଏହି ରୋଗଟିକୁ ସଅଳ ଚିହ୍ନଟ କରାଯାଇପାରୁନି କି ରୋଗରୁ ଉପଶମ ମିଳିପାରୁନି। ତେବେ ନିୟମିତ ବହି ଓ ଖବରକାଗଜ ପଢ଼ିବା, ସଭାସମିତିରେ ଯୋଗ ଦେବା, ଗପ, କବିତା ଲେଖିବା, ନୂଆ ଭାଷା ଶିଖିବା, ଚିତ୍ର ଆଙ୍କିବା ଏବଂ ନୂଆ ନୂଆ ରୁଚିରେ ମନ ଦେବା ଦ୍ୱାରା ରୋଗର ଆଗମନକୁ ବିଳମ୍ବିତ କରାଯାଇପାରେ। ତେବେ ଏହି ରୋଗ ପ୍ରକାଶ ପାଇଲେ ପରିବାର ସମସ୍ୟା ବହୁତ ବଢ଼ିଯାଏ। ତେଣୁ ବ୍ୟକ୍ତିଗତ ସ୍ତରରେ ପ୍ରତ୍ୟେକ ସୁସ୍ଥ ଜୀବନଶୈଳୀ ଅବଲମ୍ବନ କରିବା ଅପରିହାର୍ଯ୍ୟ।

# ଆବିଷ୍କୃତ ହେଲା ୪ ହଜାର ବର୍ଷ ପୁରୁଣା ମାନବ ଖପୁରୀ

ସିନ୍ଧୁ ନଦୀ କୂଳରେ ହରପ୍ପା ସଭ୍ୟତା ଗଢ଼ିଉଠୁଥିବା ସମୟରେ ମଣିଷ ମଧ୍ୟ ଉତ୍ତର ଆମେରିକା ମହାଦେଶରେ ବିଚରଣ କରୁଥିଲେ। ୨ ଜୁନ୍ ୨୦୨୫ରେ ଇଣ୍ଡିଆନାର ଫାଏଟ୍ କାଉଣ୍ଟିର ହ୍ୱାଇଟ ୱାଟର୍ ନଦୀକୂଳରେ ଏକ ମାନବ ଖପୁରୀର ଏକ ଅଂଶ ଆବିଷ୍କୃତ ହୋଇଥିଲା। ଫାଏଟ୍ କାଉଣ୍ଟି କରୋନର ଏଡି ରିଚାର୍ଡସନ ଇଣ୍ଡିଜେନସ୍ ଦିବସରେ ଏହି ଆବିଷ୍କାରକୁ ନେଇ ଘୋଷଣା କରିଛନ୍ତି।

ପ୍ରାରମ୍ଭିକ ରେଡିଓକାର୍ବନ ଡେଟିଂ ନିଶ୍ଚିତ କରିଛି ଯେ ଏହି ଖପୁରୀ ପ୍ରାୟ ୪୨୭୦ ବର୍ଷ ପୁରୁଣା। ଏହା ପ୍ରାୟ ୨୩୦୦ ଖ୍ରୀଷ୍ଟପୂର୍ବ ସମୟର। କରୋନର ଏହି ଆବିଷ୍କାରକୁ 'ଉଲ୍ଲେଖନୀୟ' ବୋଲି କହିଛନ୍ତି ଏବଂ ଏହା ସୂଚିତ କରିଛନ୍ତି ଯେ ଲୋକମାନେ ଏତେ ଦିନ ପୂର୍ବରୁ ଏହି ଭୂମିରେ ବାସ କରୁଥିଲେ। ଏହି ଆବିଷ୍କାର ଆମ ସମ୍ପ୍ରଦାୟର ସତର୍କତାର ଗୁରୁତ୍ୱ ଏବଂ ବୃତ୍ତିଗତ ସହଯୋଗର ଆବଶ୍ୟକତାକୁ ସ୍ପଷ୍ଟ କରେ। ମୁଁ ସେହି ଜମି ମାଲିକଙ୍କୁ ପ୍ରଶଂସା କରିବାକୁ ଚାହୁଁଛି, ଯିଏ କି ତୁରନ୍ତ ରିପୋର୍ଟ କରିବାରେ ସେମାନଙ୍କର ଦାୟିତ୍ୱପୂର୍ଣ୍ଣ କାର୍ଯ୍ୟ କରିଛନ୍ତି। ଏହି ଆବିଷ୍କାର ଉତ୍ସାହଜନକ, କାରଣ ହାଡ଼ର ଡିଏନ୍‌ଏ ବିଶ୍ଳେଷଣ ଜେନେଟିକ୍ ବଂଶକୁ ଏକ ମାର୍ଗ ଦେଇପାରେ, ଯେପରିକି ସେମାନେ ମୂଳ ଆମେରିକୀୟ କିମ୍ବା ପୂର୍ବର, କ୍ଲୋଭିସ୍ ଗୋଷ୍ଠୀ। ଏଗୁଡ଼ିକୁ ଅଞ୍ଚଳର ଜିନୋମ୍ ରେକର୍ଡ ସହିତ ତୁଳନା କଲେ, ସେମାନେ ପ୍ରବାସ ପଥ ପ୍ରକାଶ କରିପାରିବେ, ସେମାନେ ଉତ୍ତର ବରଫ-ମୁକ୍ତ କରିଡର, ଉପକୂଳ ପଥ କିମ୍ବା ଉତ୍ତର ଆମେରିକାର ଅନ୍ୟାନ୍ୟ ପ୍ରାରମ୍ଭିକ ବସତି ପଥରୁ ସ୍ଥାନାନ୍ତରିତ ହୋଇଥିଲେ କି ନାହିଁ। ଇଣ୍ଡିଆନା ଷ୍ଟେଟ୍ ମ୍ୟୁଜିୟମ୍ ଏବଂ ଐତିହାସିକ ସ୍ଥଳ ଅନୁଯାୟୀ, ସେହି ସମୟରେ ମୂଳ ଆମେରିକୀୟମାନଙ୍କର ବଡ଼ ଜନସଂଖ୍ୟା ଛୋଟ ଅଞ୍ଚଳରେ କେନ୍ଦ୍ରିତ ଥିଲା ଏବଂ ସେମାନେ ଉଦ୍ଭିଦ-ଆଧାରିତ ଖାଦ୍ୟ ଆଡ଼କୁ ସ୍ଥାନାନ୍ତରିତ ହେଉଥିଲେ। ଜର୍ଜିଆ ବିଶ୍ୱବିଦ୍ୟାଳୟ ଅଧିକ ସଠିକ୍ ଡେଟିଂ ପାଇଁ ଏକ ନମୁନା ପରିଚାଳନା କରୁଛି। ତଥାପି ଖପୁରି ଅବଶେଷର ସ୍ଥିତି ବିଷୟରେ ନିର୍ଦ୍ଦିଷ୍ଟ ବିବରଣୀ ଅସ୍ପଷ୍ଟ, ଏହା ନଦୀ ପ୍ରବାହ ଦ୍ୱାରା ଅଣାଯାଇଥିଲା କି ଏହା ଆବିଷ୍କାର ହୋଇଥିବା ସ୍ଥାନରୁ ଆସିଥିଲା।



# ପରିବେଶ ସନ୍ତୁଳନ ପାଇଁ ପ୍ରାଣୀଙ୍କ ସୁରକ୍ଷା

ପରିବେଶ ସନ୍ତୁଳନ ପାଇଁ ପ୍ରାଣୀଙ୍କ ସୁରକ୍ଷା ଏବଂ ସଂରକ୍ଷଣ ଅପରିହାର୍ଯ୍ୟ। ମୁଖ୍ୟତଃ ଜଙ୍ଗଲରେ ରହୁଥିବା ପ୍ରାଣୀଙ୍କ ଯୋଗୁ ଜୈବ ବିବିଧତା ବଜାୟ ରହିଥାଏ। ଜଙ୍ଗଲ ବିନା ଜଳବାୟୁ ପରିବର୍ତ୍ତନର ଆଶଙ୍କା ଅଧିକ। ତେବେ ପୃଥିବୀର ସ୍ଥାୟିତ୍ୱ ପାଇଁ ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହେଉଥିବା ପ୍ରାଣୀଙ୍କ ସୁରକ୍ଷା ଲାଗି ପ୍ରତିବର୍ଷ ଅକ୍ଟୋବର ୪ରେ ବିଶ୍ୱ ପ୍ରାଣୀ ଦିବସ ପାଳନ କରାଯାଇଥାଏ। ଏନେଇ ବିଶ୍ୱସ୍ତରରେ ସଚେତନତା ସୃଷ୍ଟି ଲାଗି ୧୯୨୫ ମାର୍ଚ୍ଚ ୨୪ରେ ଜର୍ମାନୀର ବର୍ଲିନରେ ପ୍ରଥମେ ଉଦ୍ୟମ ଆରମ୍ଭ ହୋଇଥିଲା। ୧୯୨୯ରେ ଏହାକୁ ଅକ୍ଟୋବର ୪କୁ ଘୁଞ୍ଚା ଯାଇଥିଲା। ପରେ ୧୯୩୧ ମେ'ରେ ଇଟାଲୀର ଫ୍ଲୋରେନ୍ସରେ ଅନୁଷ୍ଠିତ ହେଉଥିବା ଅନ୍ତର୍ଜାତୀୟ ଆନିମଲ କଂଗ୍ରେସରେ ଏହି ଦିବସ ପାଳନ ପାଇଁ ପ୍ରସ୍ତାବ ଆଗତ କରାଯାଇଥିଲା। ଏନେଇ ୨୦୦୬ ଅକ୍ଟୋବର ୨୭ରେ ପୋଲାଣ୍ଡ ପାର୍ଲାମେଣ୍ଟରେ ଏକ ପ୍ରସ୍ତାବକୁ ଅନୁମୋଦନ ମିଳିଥିଲା। ତେବେ ୨୦୦୭ଠାରୁ ପ୍ରତିବର୍ଷ ଏହି ଦିବସକୁ ଅକ୍ଟୋବର-୪ରେ ବିଶ୍ୱସ୍ତରରେ ପାଳନ କରାଯାଉଛି। ଲଗାତର ଜଙ୍ଗଲ କଟା ଯୋଗୁ ବାସସ୍ଥଳ ଅଭାବରେ ବହୁ ପ୍ରଜାତିର ପ୍ରାଣୀ ଲୋପ ପାଇବାର ଆଶଙ୍କା ବଢ଼ିଲାଣି। ୨୦୦୩ରେ ନେଚର୍ ୱାଚ ଫାଉଣ୍ଡେଶନ୍ ପକ୍ଷରୁ ପ୍ରଥମେ ବିଶ୍ୱ ପ୍ରାଣୀ ଦିବସ ୱେବ୍‌ସାଇଟ୍‌ର ଶୁଭାରମ୍ଭ କରାଯାଇଥିଲା। ପ୍ରାଣୀଙ୍କ ବିକାଶ ଲକ୍ଷ୍ୟ ନେଇ ଏହା ମାଧ୍ୟମରେ ବିଭିନ୍ନ ବିଶ୍ୱସ୍ତରୀୟ ସଂସ୍ଥା ସହିତ ଯୋଗାଯୋଗକୁ ଗୁରୁତ୍ୱାରୋପ କରାଯାଇଥିଲା। ୨୦୦୭ରେ ଏନେଇ ବିଶ୍ୱସ୍ତରୀୟ ଭଲ୍ୟୁଣ୍ଟାରି ଆମ୍ବାସାଡର ପ୍ରୋଗ୍ରାମ ମଧ୍ୟ ଆରମ୍ଭ ହୋଇଥିଲା।

# ଛଟପଟ ହୁଏ ମାଛ




ଆଇଁଷ ପ୍ରାୟ ଲୋକଙ୍କର ପସନ୍ଦ। ବାର ଦେଖି ଆଇଁଷ ଝୋଳ ହୋଇଗଲେ କଥା ସରିଲା। ଆଉ ମାଛ ଝୋଳ ଟିକିଏ ହୋଇଗଲେ ତାହାହେଲେ ଭୋଜନଟା ଜମିଲା। ତେବେ ଆପଣ ଜାଣିଛନ୍ତି କି ? ଆପଣଙ୍କ ପ୍ଲେଟରେ ପରଷା ହୋଇଥିବା ମାଛ ମରିବା ପୂର୍ବରୁ କେତେ ସମୟ ଛଟପଟ୍ ହୁଏ ? ଏକ ଗବେଷଣାରୁ ଏହି ଅମାନବୀୟ ସତ୍ୟତାର ଖୁଲାସା ହୋଇଛି।

ପ୍ରତିଦିନ ମଣିଷଙ୍କ ଖାଇବା ପାଇଁ ଲକ୍ଷ ଲକ୍ଷ ସଂଖ୍ୟକ ମାଛ ମରାଯାଏ। ତେବେ ମାଛ ମରିବା ପୂର୍ବରୁ ଭୀଷଣ ଯନ୍ତ୍ରଣାରେ ଛଟପଟ ହୋଇଥାଏ। ନିକଟରେ ରେନ୍‌ବୋ ଟ୍ରାଉଟ୍ ନାମକ ମାଛ ଉପରେ ଗବେଷଣା କରାଯାଇଥିଲା। ଏହି ଗବେଷଣାରୁ ଜଣାପଡ଼ିଛି ଯେ, ମାଛ ମରିବା ପୂର୍ବରୁ ୨ରୁ ୨୦ ମିନିଟ୍ ଯାଏଁ ଛଟପଟ ହୁଅନ୍ତି। ରେନ୍‌ବୋ ଟ୍ରାଉଟ୍ ମାଛକୁ ମାରିବା ପାଇଁ ଶ୍ୱାସରୁଦ୍ଧ ପଦ୍ଧତିର ସାହାଯ୍ୟ ନିଆଯାଇଥିଲା। ଉକ୍ତ ପ୍ରକ୍ରିୟାରେ ପ୍ରଥମେ ମାଛକୁ ପାଣିରୁ ବାହାର କରାଯାଇଥିଲା। ଏହା ପରେ ମାଛଗୁଡ଼ିକୁ ପବନରେ ଛାଡ଼ି ଦିଆଯାଇଥିଲା। ଏହି ପ୍ରକ୍ରିୟାରେ ମାଛଟି ଧୀରେଧୀରେ ଅମ୍ଳଜାନ ଅଭାବରୁ ଶ୍ୱାସରୁଦ୍ଧ ହୋଇ ମରିଯାଇଥିଲା। ପବନରେ ମାଛଟି ୧ ମିନିଟ୍ ଯାଏଁ ରହିବା ପରେ ତାର ଶରୀରରେ ପ୍ରତିକ୍ରିୟା ଆରମ୍ଭ ହୋଇଥିଲା। ଧୀରେ ଧୀରେ ଏହି ଅସହ୍ୟ ଯନ୍ତ୍ରଣା ବଢ଼ି ବଢ଼ି ଚାଲିଥିଲା। ଆଉ କିଛି ଲୋକ ମାଛ ମାରିବା ପରେ ଏହାକୁ ବରଫରେ ରଖିଦିଅନ୍ତି। ହେଲେ ଏହି ଉପାୟ ଅତ୍ୟନ୍ତ ଯନ୍ତ୍ରଣାଦାୟକ। ବରଫରେ ମାଛର ମେଟାବଲିଜିମ୍ ଧିମା ହୋଇଯାଏ। ଏହା ଦ୍ୱାରା ସେମାନଙ୍କୁ ଚେତାଶୂନ୍ୟ ହେବାକୁ ଅଧିକ ସମୟ ଲାଗେ। ଫଳରେ ମାଛମାନଙ୍କୁ ଯନ୍ତ୍ରଣା ଦ୍ୱିଗୁଣିତ ହୋଇଯାଏ। ତେବେ ମାଛମାନଙ୍କୁ ଏତେ ଛଟପଟ କରି ମାରିବା ଅପେକ୍ଷା ସହଜରେ ମାରି ହେବ। ଇଲେକ୍ଟ୍ରିକ୍ ଷ୍ଟନିଂ ପଦ୍ଧତି ଦ୍ୱାରା କମ୍ ଯନ୍ତ୍ରଣା ଦେଇ ମାଛଙ୍କୁ ମାରିହେବ। ସେ ଯାହା ବି ହେଉ ଜୀବ ହତ୍ୟା ମହାପାପ।

# ମାଠିଆ ପାଣି



- ପ୍ଲାଷ୍ଟିକ ବୋତଲରେ ପାଣି ରଖିବା ଦ୍ୱାରା ପ୍ଲାଷ୍ଟିକର ଅଶୁଦ୍ଧ ଜୀବାଣୁ ପାଣିର ଗୁଣକୁ ପ୍ରଭାବିତ କରିଥାଏ। ତେଣୁ ନିୟମିତ ଭାବେ ମାଠିଆରେ ପାଣି ପିଇବା ଦ୍ୱାରା ଶରୀରର ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଥାଏ।
- ମାଠିଆ ପାଣି ପିଇବା ଦ୍ୱାରା ହୃଦୟ ସୁସ୍ଥ ରହେ।
- ମାଠିଆ ପାଣି ଏସିଡିଟି ସମସ୍ୟା ଦୂର କରିଥାଏ।
- ଫ୍ରିଜ ପାଣି ପିଇବା ଦ୍ୱାରା ସ୍ୱାସ୍ଥ୍ୟ ଖରାପ ରୁହେ। ଖରାରେ ଥଣ୍ଡା ପାଣି ପିଇବା ଦ୍ୱାରା ଗଳା ଦରଜ, କଫ ପରି ସମସ୍ୟା ଦେଖାଯାଇଥାଏ। ତେଣୁ ଫ୍ରିଜ୍ ପାଣି ନ ପିଇ ମାଠିଆ ପାଣି ପିଇବା ସ୍ୱାସ୍ଥ୍ୟ ପାଇଁ ଭଲ।
- ଶ୍ୱାସରୋଗୀଙ୍କ ପାଇଁ ମାଠିଆ ପାଣି ପିଇବା ଲାଭକାରୀ।
- ସକାଳ ସମୟରେ ମାଠିଆ ପାଣି ପିଇବା ଦ୍ୱାରା ଦୃଷ୍ଟି ଶକ୍ତି ବୃଦ୍ଧି ପାଏ।
- ମାଠିଆ ପାଣି ପିଇବା ଦ୍ୱାରା ଥକ୍କାପଣ ଦୂର ହୁଏ। ପେଟ ଭାରି ସମସ୍ୟା ଦୂର ହୋଇଥାଏ।





# ଜିରୋ

**ଅରୁଣାଚଳ ପ୍ରଦେଶର ସୁବାନସିରି ଜିଲ୍ଲା ଅନ୍ତର୍ଗତ ଏକ ଆକର୍ଷଣୀୟ ପର୍ଯ୍ୟଟନସ୍ଥଳୀ ହେଉଛି ଜିରୋ ନାମକ ଏକ ସ୍ଥାନ। ପ୍ରକୃତପକ୍ଷେ ଏହା ହେଉଛି ଏକ ଉପତ୍ୟକା; ଯାହାର ପ୍ରାକୃତିକ ସୁନ୍ଦରତା, ଶାନ୍ତ ପରିବେଶ କାହାକୁ ବି ଆନମନା କରିଦେବ...**

ପାଇନ୍ ଜଙ୍ଗଲରେ ପରିପୂର୍ଣ୍ଣ ଉଚ୍ଚ ଉଚ୍ଚ ପାହାଡ଼ ଦ୍ୱାରା ଘେରି ହୋଇ ରହିଥିବା ଜିରୋ ଉପତ୍ୟକା ହେଉଛି ଅରୁଣାଚଳ ପ୍ରଦେଶସ୍ଥିତ ଏକ ଆକର୍ଷଣୀୟ ପର୍ଯ୍ୟଟନସ୍ଥଳୀ। ଏଠାକାର ଶାନ୍ତ ବାତାବରଣ ସାଙ୍ଗକୁ ନାତିଶୀତୋଷ୍ଣ ଜଳବାୟୁ ବେଶ୍ ମନୋରମ ଲାଗିଥାଏ। ଖାସ୍ କରି ଏଠାରେ ବସବାସ କରୁଥିବା ଅପାଟାନି ଜନଜାତିମାନଙ୍କର ସଂସ୍କୃତି ଓ ପରମ୍ପରା ବେଶ୍ ମନଛୁଆଁ ହୋଇଥାଏ; ଯାହାକି ପର୍ଯ୍ୟଟକଙ୍କୁ ଖୁବ୍ ପସନ୍ଦ ଆସିଥାଏ। ସେମାନଙ୍କର ବ୍ୟବହାର ବି ଖୁବ୍ ହୃଦୟଛୁଆଁ ହୋଇଥାଏ। ସେଥିପାଇଁ ପ୍ରାୟତଃ ଏଠାରେ ପର୍ଯ୍ୟଟକଙ୍କର ଭିଡ଼ ଦେଖିବାକୁ ମିଳେ।

ଏଠାରେ କ'ଣ ଦେଖିବେ

ମୁଖ୍ୟତଃ ପାଇନ୍ ଜଙ୍ଗଲ ଓ ଉଚ୍ଚ ଉଚ୍ଚ ପାହାଡ଼ରେ ଘେରା ଜିରୋ ଉପତ୍ୟକାରେ ପର୍ଯ୍ୟଟକ ବହୁ ବନସ୍ପତି ବୃକ୍ଷ ତଥା କେତେକ ବିରଳ ପ୍ରଜାତିର ପଶୁପକ୍ଷୀଙ୍କୁ ଦେଖିବାର ସୁଯୋଗ ପାଇଥାନ୍ତି। ତା'ଛଡ଼ା ଏହି ଉପତ୍ୟକା ନିକଟ ଦେଇ ଏକ ନଦୀ ପ୍ରବାହିତ ହୋଇଥାଏ; ଯାହାର ଶୀତଳ ଓ ସ୍ୱଚ୍ଛ ମିଠା ଜଳକୁ କେବଳ ପାନୀୟ ଜଳ ଭାବେ ବ୍ୟବହୃତ କରାଯାଏ ତାହା ନୁହେଁ, ଏହା ପର୍ଯ୍ୟଟକଙ୍କୁ ଅନେକ ଆମୋଦ ପ୍ରମୋଦ ମଧ୍ୟ ପ୍ରଦାନ କରିଥାଏ। ଯେମିତିକି ପର୍ଯ୍ୟଟକ ଏହି ନଦୀରୁ ମାଛ ଧରି ପାରିବେ, ଏଥିରେ ଚାହିଁଲେ ବୋଟିଂ ବି କରିପାରିବେ। ତା'ଛଡ଼ା ଏହି ନଦୀ କୂଳରେ ବସି ସୂର୍ଯ୍ୟୋଦୟ ଓ ସୂର୍ଯ୍ୟାସ୍ତରର ଅପୂର୍ବ ଶୋଭାକୁ ଉପଭୋଗ କରିବା ବି ପର୍ଯ୍ୟଟକଙ୍କୁ ନିଆରା ଆନନ୍ଦ ପ୍ରଦାନ କରିଥାଏ।

* ଅପାଟାନିଙ୍କ ନିଆରା ସଂସ୍କୃତି: ଅପାଟାନି ଜନଜାତିର ଲୋକମାନେ ଜିରୋ ଉପତ୍ୟକାରେ ବସବାସ କରୁଥିବା ଏକ ସ୍ୱଦେଶୀ ସମୁଦାୟ। ସେମାନେ ଏହି କ୍ଷେତ୍ରରେ ଦେଖିବାକୁ ମିଳୁଥିବା କେତେକ ପ୍ରମୁଖ ଆଦିବାସୀମାନଙ୍କ ମଧ୍ୟରୁ ଅନ୍ୟତମ ହୋଇଥାନ୍ତି। ଖାସ୍‌କରି ଏମାନଙ୍କର ସଂସ୍କୃତି, ରୀତିନୀତି ଏବଂ ଜୀବନକୁ ନିଆରା ଢଙ୍ଗରେ ଜିଇଁବାର ଶୈଳୀ ହିଁ ଏମାନଙ୍କୁ ସ୍ୱତନ୍ତ୍ରତା ପ୍ରଦାନ କରିଥାଏ। ଖାସ୍‌କରି ଅପାଟାନି ଜନଜାତିର ମହିଳାମାନେ ନାକରେ ବାଉଁଶରେ ତିଆରି ଏକ ସ୍ୱତନ୍ତ୍ର ଧରଣର ଅଳଙ୍କାର ପିନ୍ଧିଥାନ୍ତି; ଯାହା ସେମାନଙ୍କୁ ଅନ୍ୟମାନଙ୍କଠାରୁ ଭିନ୍ନ କରିଥାଏ।

* ଟ୍ରେକିଂର ଆନନ୍ଦ ନିଆରା: ଏଠାରେ ଟ୍ରେକିଂ କରିବାକୁ ବହୁତ ସୁବିଧା ରହିଛି। ଖାସ୍ ସେଥିପାଇଁ ଏଠାରେ ଟ୍ରେକିଂ ପ୍ରିୟ ପର୍ଯ୍ୟଟକଙ୍କର ବେଶ୍ ଗହଳି ପରିଲକ୍ଷିତ ହୋଇଥାଏ।

* ଫୁଲର ପସରା: ଶୀତଦିନେ କୁଆଡ଼େ ଏଠାରେ ନାନା କିସମର ରଙ୍ଗବେରଙ୍ଗର ଫୁଲ ଫୁଟିଥାଏ। ପର୍ଯ୍ୟଟକ ଚାହିଁଲେ ଏହି ସମୟରେ ଏଠାକୁ ଯାଇ ନୂଆ ନୂଆ ଫୁଲ ଦେଖି ନିଆରା ଆନନ୍ଦ ଲଭିବାର ସୁଯୋଗ ପାଇପାରିବେ।

ଅର୍ଥନୀତି


ଏଠାକାର ବାସିନ୍ଦା ମୁଖ୍ୟତଃ ପର୍ଯ୍ୟଟନରୁ ଭଲ ଦୁଇ ପଇସା ରୋଜଗାର କରିଥାନ୍ତି। ତା'ଛଡ଼ା ଏଠାରେ ଧାନ ଚାଷ କୁଆଡ଼େ ଭଲ ହୋଇଥାଏ। ସେଥିରୁ ବି ଭଲ ପଇସା ମିଳେ।

କେବେ ଓ କେମିତି ଯିବେ

ବର୍ଷର ବାରମାସ ଏଠାକାର ପାଣିପାଗ ବୁଲାବୁଲି କରିବାକୁ ବେଶ୍ ଅନୁକୂଳ ରହୁଥିଲେ ହେଁ, ସ୍ଥାନୀୟ ପାଣିପାଗ ସୂଚନା କେନ୍ଦ୍ରର ମତାନୁଯାୟୀ, ଅକ୍ଟୋବରରୁ ମେ' ହେଉଛି ଏଠାକୁ ବୁଲିଯିବା ପାଇଁ ପ୍ରକୃଷ୍ଟ ସମୟ। ସେହିପରି ଏଠାକୁ ଯିବା ପାଇଁ ଗମନାଗମନର ବି ଭଲ ବ୍ୟବସ୍ଥା ରହିଛି। ଅରୁଣାଚଳ ପ୍ରଦେଶର ରାଜଧାନୀ ଇଟାନଗରଠାରୁ ପ୍ରାୟ ୧୧୫ କି.ମି ଦୂରରେ ଥିବା ଏହି ସ୍ଥାନକୁ ସଡ଼କପଥ ହେଉ କି ରେଳପଥ ଅଥବା ଆକାଶପଥରେ ମଧ୍ୟ ଯାଇହେବ। ନାହାରଲାଗୁନ ରେଲୱେ ଷ୍ଟେଶନ ହେଉଛି ଏଠାକାର ନିକଟତମ ରେଳଷ୍ଟେଶନ। ସେହିପରି ନିକଟତମ ଏୟାରପୋର୍ଟ ହେଉଛି ଜିରୋ ଏୟାରପୋର୍ଟ।

କେଉଁଠି ରହିବେ

ପର୍ଯ୍ୟଟକଙ୍କ ରହିବା ପାଇଁ ଏଠାରେ ଖୁବ୍ ସୁନ୍ଦର ସୁନ୍ଦର କଟେଜ୍‌ର ବ୍ୟବସ୍ଥା ରହିଛି। ତା' ସହିତ ଇଣ୍ଡିଆନ୍ ହେଉକି ଚାଇନିଜ୍ ସବୁପ୍ରକାର ଖାଇବାର ସୁବିଧା ଏଠାରେ ଉପଲବ୍ଧ ଅଛି। କିନ୍ତୁ ଏଥିପାଇଁ ପୂର୍ବରୁ ବୁକିଂ କରିବାକୁ ହୋଇଥାଏ।



## ଶ୍ରୀବିଷ୍ଣୁଙ୍କୁ ପୂଜା କରୁଥିଲେ...

☞ ଶାସ୍ତ୍ର ଅନୁଯାୟୀ ଯେଉଁମାନଙ୍କ ଘରେ ବାଳ ଗୋପାଳ କିମ୍ବା ଶ୍ରୀବିଷ୍ଣୁଙ୍କ ବଡ଼ ପ୍ରତିମା ଥାଏ, ସେହିମାନେ କିଛି ସ୍ୱତନ୍ତ୍ର ନିୟମ ପାଳନ କରିବାକୁ ହୁଏ। ବାଳଗୋପାଳଙ୍କୁ ପୂଜା କରୁଥିଲେ, ସକାଳୁ ପ୍ରତିମାଙ୍କୁ ସ୍ନାନ ଓ ଭୋଗ ନଲଗାଇ କୌଣସି ଖାଦ୍ୟ ଖାଇବା ଉଚିତ୍ ନୁହେଁ। ଠାକୁରଙ୍କୁ ସ୍ନାନ ଓ ଭୋଗ ନକରି ନିଜେ ଖାଦ୍ୟ ଖାଇବା ଦ୍ୱାରା ପରିବାରରେ ଅନେକ ପ୍ରକାର ଅଶାନ୍ତି ଦେଖାଦେଇଥାଏ। ବାଳଗୋପାଳଙ୍କୁ ଖିର କିମ୍ବା ମିଷ୍ଟାନ୍ନ ଭୋଗ ଲଗାଇବା ଉଚିତ।

☞ ବିଷ୍ଣୁଙ୍କ ପ୍ରତିମା ହେଉ କିମ୍ବା ଫଟୋ, ପ୍ରତ୍ୟେକ ଦିନ ଗୋଟିଏ ତୁଳସୀ ମଞ୍ଜରୀ ଅର୍ପଣ କରନ୍ତୁ। ଏହା ସହିତ ଭୋଗରେ ଗୋଟିଏ ତୁଳସୀ ପତ୍ର ପକାଇ ସମର୍ପଣ କରନ୍ତୁ। ତୁଳସୀ ପତ୍ର ବିନା ବିଷ୍ଣୁଙ୍କର ପୂଜା ଓ ଭୋଗ ସମ୍ପୂର୍ଣ୍ଣ ହୋଇନଥାଏ।

☞ ମଇଳା ଓ ସିଲାଇ କରାଯାଇଥିବା ବସ୍ତ୍ର ପିନ୍ଧି ପୂଜା କରିବା ଶୁଭ ହୋଇନଥାଏ।

☞ ତୁଳସୀ ପତ୍ରକୁ ବାଦ୍ ଦେଲେ, ଅନ୍ୟ ଫୁଲ ଓ ପତ୍ର ବାସିରେ ଗଣତି ହୋଇଥାଏ। ତେଣୁ ତୁଳସୀ ମାଳା ବ୍ୟତୀତ ବାସି ଫୁଲମାଳକୁ ଫଟୋ କିମ୍ବା ମୂର୍ତ୍ତିରୁ ପ୍ରତ୍ୟେକ ଦିନ ବାହାର କରିଦେବା ଉଚିତ। ପ୍ରତିଦିନ ପୂଜାରେ ଯେଉଁ ଫୁଲ ବ୍ୟବହାର କରୁଛନ୍ତି, ତାହା ମଉଳି ନଥିବ କିମ୍ବା କୌଣସି ପୋକ ଦ୍ୱାରା ପାଖୁଡ଼ା ନଷ୍ଟ ହୋଇନଥିବ, ସେଥିପ୍ରତି ଦୃଷ୍ଟି ଦେବା ନିହାତି ଆବଶ୍ୟକ।

☞ ଶ୍ରୀବିଷ୍ଣୁ ଓ ମା' ଲକ୍ଷ୍ମୀଙ୍କ ପୂଜାର୍ଚ୍ଚନାରେ କେବଳ ସୁଦ୍ଧ ଘିଅର ଭୋଗ ଓ ଦୀପ ପ୍ରଜ୍ୱଳନ କରିବାର ବିଧି ରହିଛି। ପୂଜା କରିବା ପୂର୍ବରୁ ଆଚମନ କରିବା ନିହାତି ଜରୁରୀ।

☞ ଶ୍ରୀବିଷ୍ଣୁଙ୍କ ପ୍ରତୀକ ଶାଳଗ୍ରାମ ରଖି ପୂଜା କରୁଥିଲେ, ପ୍ରତିଦିନ ଅନ୍ନ ପୂଜା କରନ୍ତୁ।

# ଭାରତ ବିପକ୍ଷ ଦିନିକିଆ ସିରିଜ୍‌ରୁ ଗ୍ରୀନ୍ ବାଦ୍

ନୂଆଦିଲ୍ଲୀ: ଅଷ୍ଟ୍ରେଲୀୟ ଅଲରାଉଣ୍ଡର୍ କାମେରନ୍ ଗ୍ରୀନ୍ ପିଠି ଯନ୍ତ୍ରଣା କାରଣରୁ ଭାରତ ବିପକ୍ଷ ଦିନିକିଆ ସିରିଜ୍‌ରୁ ବାଦ୍ ପଡ଼ିଛନ୍ତି। ତାଙ୍କ ସ୍ଥାନରେ ମାର୍ନସ୍ ଲାବୁଶେନ୍‌ଙ୍କୁ ଟିମ୍‌ରେ ସାମିଲ କରାଯାଇଛି। ଗ୍ରୀନ୍‌ଙ୍କ ଆଘାତ ସାମାନ୍ୟ ହୋଇଥିବା ବେଳେ ତାଙ୍କୁ ନେଇ ଟିମ୍ କୌଣସି ରିସ୍କ ନେବାକୁ ଚାହୁଁନାହିଁ ବୋଲି କ୍ରିକେଟ୍ ଅଷ୍ଟ୍ରେଲିଆ (ସିଏ) ପକ୍ଷରୁ କୁହାଯାଇଛି। ଗ୍ରୀନ୍ ଏବେ ରିହାବ୍ କରିବେ ଏବଂ ପରେ ଶେଫିଲ୍ଡ ଶିଲ୍ଡର ତୃତୀୟ ରାଉଣ୍ଡ୍ ଅବସରରେ ତାଙ୍କ ଉନ୍ନତି ପରଖା ଯିବ। ଅନ୍ୟପକ୍ଷରେ ଗ୍ରୀନ୍‌ଙ୍କ ସ୍ଥାନରେ ଟିମ୍‌ରେ ସାମିଲ ହୋଇଥିବା ଲାବୁଶେନ୍‌ଙ୍କୁ ଖରାପ ପ୍ରଦର୍ଶନ କାରଣରୁ ଦିନିକିଆ ଟିମ୍‌ରୁ ବାଦ୍ ଦିଆଯାଇଥିଲା। ଏବେ ଅଷ୍ଟ୍ରେଲିଆ ଗସ୍ତରେ ଥିବା ଭାରତ ଏବଂ ଅଷ୍ଟ୍ରେଲିଆ ମଧ୍ୟରେ ତିନି ଦିନିକିଆ ଏବଂ ପାଞ୍ଚ ଟି-୨୦ ମ୍ୟାଚ୍‌ର ସିରିଜ୍ ଖେଳାଯିବ। ପ୍ରଥମ ଦିନିକିଆ ପର୍ଥରେ ଆୟୋଜିତ ହେବ।

# ଆଇସିସି ଟେଷ୍ଟ୍ ର୍ୟାଙ୍କିଙ୍ଗ୍: ଶୀର୍ଷ-୫କୁ ଫେରିଲେ ଯଶସ୍ୱୀ, ୮ରେ ପନ୍ତ



ଦୁବାଇ: ଆଇସିସି ପକ୍ଷରୁ ବୁଧବାର ଜାରି ର୍ୟାଙ୍କିଙ୍ଗ୍‌ରେ ଭାରତୀୟ ଓପ୍ନର୍ ଯଶସ୍ୱୀ ଜୟସ୍ୱାଲ୍ ଏବଂ ବୋଲର୍ କୁଲଦୀପ୍ ଯାଦବଙ୍କୁ ଫାଇଦା ହୋଇଛି। ଅନ୍ୟପକ୍ଷରେ ରୋହିତ ଶର୍ମା ଓ ବିରାଟ କୋହଲିଙ୍କୁ କ୍ଷତି ସହିବାକୁ ପଡ଼ିଛି। ୨୩ ବର୍ଷୀୟ ଯଶସ୍ୱୀ ଜୟସ୍ୱାଲ୍ ବିଶ୍ୱର ପାଞ୍ଚ ନମ୍ବର ଟେଷ୍ଟ୍ ବ୍ୟାଟର୍ ହୋଇଛନ୍ତି। ତାଙ୍କୁ ଦୁଇଟି ସ୍ଥାନର ଲାଭ ହୋଇଥିବା ବେଳେ ତାଙ୍କ ରେଟିଂ ପଏଣ୍ଟ୍ ୭୯୧ ରହିଛି। କୁଲଦୀପ୍ ଯାଦବ ୭ ସ୍ଥାନର ଲମ୍ଫ ପ୍ରଦାନ ସହ ଟେଷ୍ଟ୍ ବୋଲିଂ ର୍ୟାଙ୍କିଙ୍ଗ୍‌ର ୧୪ଶ ସ୍ଥାନରେ ପହଞ୍ଚିଛନ୍ତି। ତାଙ୍କ ରେଟିଂ ପଏଣ୍ଟ୍ ୬୮୯ ହୋଇଛି। ଦିନିକିଆ ବ୍ୟାଟିଂ ର୍ୟାଙ୍କିଙ୍ଗ୍‌ରେ ରୋହିତ ଓ ବିରାଟ କୋହଲିଙ୍କୁ ୧-୧ ସ୍ଥାନର କ୍ଷତି ହୋଇଛି। ଏହି ତାଲିକାରେ ଭାରତୀୟ କ୍ୟାପ୍ଟେନ୍ ଶୁଭମନ ଗିଲ୍ ନମ୍ବର ଏକ ସ୍ଥାନରେ ସ୍ଥିର ରହିଛନ୍ତି। ଯଶସ୍ୱୀ ଜୟସ୍ୱାଲ୍ ଟେଷ୍ଟ୍ ବ୍ୟାଟିଂ ର୍ୟାଙ୍କିଙ୍ଗ୍‌ରେ ସାଉଥ୍ ଆଫ୍ରିକା କ୍ୟାପ୍ଟେନ୍ ଟେମ୍ବା ବାଭୁମା ଏବଂ ଶ୍ରୀଲଙ୍କା ବ୍ୟାଟର୍ କୁସଲ ମେଣ୍ଡିସ୍‌ଙ୍କୁ ପଛରେ ପକାଇ ଦେଇଛନ୍ତି। ଶୀର୍ଷ-୧୦ ତାଲିକାରେ ୱିକେଟ୍‌କିପର୍ ବ୍ୟାଟର୍ ରିଷଭ ପନ୍ତ୍ (୭୫୩ ପଏଣ୍ଟ୍) ଦ୍ୱିତୀୟ ଭାରତୀୟ ଭାବେ ଅଷ୍ଟମ ସ୍ଥାନରେ ରହିଛନ୍ତି। ଇଂଲିଶ୍ ବ୍ୟାଟର୍ ଜୋ ରୁଟ୍ ବିଶ୍ୱର ଏକ ନମ୍ବର ଟେଷ୍ଟ୍ ବ୍ୟାଟର୍ ଭାବେ ସ୍ଥିର ରହିଛନ୍ତି। ଦିନିକିଆ ବ୍ୟାଟିଂ ର୍ୟାଙ୍କିଙ୍ଗ୍‌ରେ ଆଫଗାନିସ୍ତାନର ଇବ୍ରାହିମ୍ ଜାଦରାନ୍ (୭୬୪ ପଏଣ୍ଟ୍) ଆଠ ସ୍ଥାନର ଲମ୍ଫ ସହିତ ଦ୍ୱିତୀୟ ସ୍ଥାନକୁ ଉଠିଛନ୍ତି। ଫଳରେ ରୋହିତ ଶର୍ମା (୭୫୬ ପଏଣ୍ଟ୍) ତୃତୀୟ, ପାକିସ୍ତାନର ବାବର ଆଜମ୍ (୭୩୯ ପଏଣ୍ଟ୍) ଚତୁର୍ଥ ଏବଂ ବିରାଟ କୋହଲି (୭୩୬) ପଞ୍ଚମ ସ୍ଥାନକୁ ଖସିଆସିଛନ୍ତି। ଟେଷ୍ଟ୍ ବୋଲିଂ ର୍ୟାଙ୍କିଙ୍ଗ୍‌ର ଶୀର୍ଷ-୧୦ରେ କୌଣସି ପରିବର୍ତ୍ତନ ହୋଇନାହିଁ। ଦିନିକିଆ ର୍ୟାଙ୍କିଙ୍ଗ୍‌ରେ ରଶିଦ୍ ଖାନ୍ ୭୧୦ ପଏଣ୍ଟ୍ ସହ ବିଶ୍ୱର ଏକ ନମ୍ବର ବୋଲର୍ ହୋଇଛନ୍ତି। ଫଳରେ ସାଉଥ୍ ଆଫ୍ରିକାର କେଶବ ମହାରାଜ (୬୮୦ ପଏଣ୍ଟ୍), ଶ୍ରୀଲଙ୍କାର ମହୀଶ ତୀକ୍ଷଣା (୬୫୯ ପଏଣ୍ଟ୍), ଇଂଲଣ୍ଡର ଜୋଫ୍ରା ଆର୍ଚର୍ (୬୫୪ ପଏଣ୍ଟ୍) ଏବଂ ଭାରତର କୁଲଦୀପ୍ ଯାଦବ (୬୫୦ ପଏଣ୍ଟ୍)ଙ୍କୁ ୧-୧ ସ୍ଥାନର କ୍ଷତି ହୋଇଛି। ଟି-୨୦ ବୋଲିଂ ର୍ୟାଙ୍କିଙ୍ଗ୍‌ର ଶୀର୍ଷ-୧୦ରେ ମଧ୍ୟ କୌଣସି ପରିବର୍ତ୍ତନ ହୋଇନାହିଁ।

ଆଫଗାନିସ୍ତାନର ଅଜମତୁଲ୍ଲାହ ଓମରଜଇ (୩୩୪ ପଏଣ୍ଟ) ଦିନିକିଆର ଶୀର୍ଷ ଅଲରାଉଣ୍ଡର୍ ହୋଇଛନ୍ତି। ତାଙ୍କୁ ଗୋଟିଏ ସ୍ଥାନର ଲାଭ ହୋଇଛି। ରଶିଦ୍ ଖାନ୍ (୨୫୭ ପଏଣ୍ଟ୍) ଦୁଇଟି ସ୍ଥାନର ସୁଧାର ସହିତ ଚତୁର୍ଥ ନମ୍ବରରେ ପହଞ୍ଚିଛନ୍ତି। ଜିମ୍ବାୱେର ସିକନ୍ଦର ରଜା (୩୦୨ ପଏଣ୍ଟ) ଦ୍ୱିତୀୟ ଏବଂ ଆଫଗାନିସ୍ତାନର ମହମ୍ମଦ ନବୀ (୨୮୫ ପଏଣ୍ଟ୍) ତୃତୀୟ ସ୍ଥାନରେ ରହିଛନ୍ତି।

# ଅଭିଷେକ ଓ ମନ୍ଧାନା ସେପ୍ଟେମ୍ବର ସର୍ବଶ୍ରେଷ୍ଠ ଖେଳାଳି



ଦୁବାଇ: ଭାରତର ଷ୍ଟାର୍ ଓପ୍ନିଂ ବ୍ୟାଟର୍ ଅଭିଷେକ ଶର୍ମା ଏବଂ ସ୍ମୃତି ମନ୍ଧାନାଙ୍କୁ ଯଥାକ୍ରମେ ଏସିଆ କପ୍ ଓ ଅଷ୍ଟ୍ରେଲିଆ ବିପକ୍ଷ ମହିଳା ଦିନିକିଆ ସିରିଜ୍‌ରେ ଚମତ୍କାର ପ୍ରଦର୍ଶନ ପରେ ସେପ୍ଟେମ୍ବର ମାସ ପାଇଁ ଆଇସିସିର ସର୍ବଶ୍ରେଷ୍ଠ ଖେଳାଳି ମନୋନୀତ କରାଯାଇଛି। ଅଭିଷେକ ଏହି ଅବସରରେ ସାତ ମ୍ୟାଚ୍‌ରେ ୪୪.୮୫ ହାରାହାରି ଏବଂ ୨୦୦ର ଚମତ୍କାର ଷ୍ଟ୍ରାଇକ୍ ରେଟ୍‌ରେ ୩୧୪ ରନ୍ କରିଥିଲେ। ଏସିଆ କପ୍‌ର ପ୍ଲେୟର୍ ଅଫ ଦ ଟୁର୍ଣ୍ଣାମେଣ୍ଟ୍ ବିବେଚିତ ହୋଇଥିବା ୨୫ ବର୍ଷୀୟ ଖେଳାଳି ଟି-୨୦ ଅନ୍ତର୍ଜାତୀୟ ବ୍ୟାଟିଂ ର୍ୟାଙ୍କିଙ୍ଗ୍ ନିଜର ସର୍ବାଧିକ ରେଟିଂ ପଏଣ୍ଟ୍ ମଧ୍ୟ ହାସଲ କରିଛନ୍ତି। ସେ ନିଜ ଟିମ୍‌ସାଥୀ କୁଲଦୀପ୍ ଯାଦବ ଏବଂ ଜିମ୍ବାୱେର ବ୍ରାୟନ୍ ବେନେଟ୍‌ଙ୍କୁ ପଛରେ ପକାଇ ସର୍ବଶ୍ରେଷ୍ଠ କ୍ରିକେଟର୍‌ର ଗୌରବ ହାସଲ କରିଛନ୍ତି।

ଅନ୍ୟପକ୍ଷରେ ମନ୍ଧାନା ଅଷ୍ଟ୍ରେଲିଆ ବିପକ୍ଷ ଘରୋଇ ଦିନିକିଆ ସିରିଜ୍‌ରେ ଚମତ୍କାର ପ୍ରଦର୍ଶନ କରି ତିନି ମ୍ୟାଚ୍‌ରେ ୫୮, ୧୧୭ ଓ ୧୨୫ ରନ୍ କରିଥିଲେ। ଭାରତୀୟ ମହିଳା ଟିମ୍‌ର ଭାଇସ୍ କ୍ୟାପ୍ଟେନ୍ ଏହି ଅବସରରେ ଚାରି ଦିନିକିଆ ମ୍ୟାଚ୍‌ରେ ୭୭ ହାରାହାରି ଏବଂ ୧୩୫.୬୮ ଷ୍ଟ୍ରାଇକ୍ ରେଟ୍‌ରେ ମୋଟ ୩୦୮ ରନ୍ କରିଥିଲେ। ସିରିଜ୍‌ର ତୃତୀୟ ମ୍ୟାଚ୍‌ରେ ମନ୍ଧାନାଙ୍କ ୫୦ ରନ୍‌ରେ ଶତକ ହାସଲ କୌଣସି ଭାରତୀୟ ବ୍ୟାଟର୍‌ଙ୍କ ଦ୍ୱାରା ଦ୍ରୁତ ଶତକ ଥିଲା। ଏହି ପୁରସ୍କାର ଦୌଡ଼ରେ ମନ୍ଧାନାଙ୍କ ବ୍ୟତୀତ ସାଉଥ୍ ଆଫ୍ରିକାର ତାଜମିନ୍ ବ୍ରିଟ୍ଜ ଏବଂ ପାକିସ୍ତାନର ସିଦରା ଅମୀନ୍‌ଙ୍କ ସାମିଲ ଥିଲେ।

# ନେମାର୍‌ଙ୍କ ରେକର୍ଡ ଭାଙ୍ଗିଲେ ମେସି



ନୂଆଦିଲ୍ଲୀ,: ଆର୍ଜେଣ୍ଟିନା କ୍ୟାପ୍ଟେନ୍ ଲିଓନେଲ୍ ମେସି ଆଉ ଏକ ଐତିହାସିକ ଉପଲବ୍ଧି ହାସଲ କରିଛନ୍ତି। ପୁର୍ତ୍ତୋରିକୋ ବିପକ୍ଷ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍‌ରେ ଦୁଇଟି ଚମତ୍କାର ଆସିଷ୍ଟ୍ ସହ ନେମାରଙ୍କୁ ପଛରେ ପକାଇ ଅନ୍ତର୍ଜାତୀୟ ଫୁଟ୍‌ବଲ୍‌ରେ ସର୍ବାଧିକ ଆସିଷ୍ଟ୍ କରିଥିବା ଖେଳାଳି ହୋଇଛନ୍ତି। ଏହି ମ୍ୟାଚ୍‌ରେ ଆର୍ଜେଣ୍ଟିନାର ୬-୦ ଗୋଲ୍ ବ୍ୟବଧାନର ବିଜୟରେ ମେସିଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇଥିଲେ। ସେ ପ୍ରଥମ ହାଫ୍‌ରେ ଗୋଞ୍ଜାଲୋ ମୋଣ୍ଟିୟଲ୍‌ଙ୍କୁ ଆସିଷ୍ଟ୍ କରିଥିବା ବେଳେ ଦ୍ୱିତୀୟ ହାଫ୍‌ରେ ତାଙ୍କ ପାସ୍‌ରୁ ଲୌତାରୋ ମାର୍ଟିନେଜ୍ ଟିମ୍‌ର ଷଷ୍ଠ ଗୋଲ୍ ସ୍କୋର୍ କରିଥିଲେ। ଏବେ ମେସିଙ୍କ ନାମରେ ଆର୍ଜେଣ୍ଟିନା ପାଇଁ ୬୦ ଆସିଷ୍ଟ୍ ଏବଂ ୧୧୪ ଗୋଲ୍ ରେକର୍ଡ ହୋଇଛି। ଅନ୍ୟପକ୍ଷରେ ନେମାର୍ ବ୍ରାଜିଲ୍ ପାଇଁ ୫୯ ଆସିଷ୍ଟ୍ କରିଥିଲେ। ଏହି ପ୍ରଦର୍ଶନ ସହ ମେସିଙ୍କ ନାମରେ (କ୍ଲବ୍ ଏବଂ ଦେଶ) ମୋଟ ୩୯୮ ଆସିଷ୍ଟ୍ ହୋଇଯାଇଛି ଏବଂ ସେ ଖୁବ୍‌ଶୀଘ୍ର ୪୦୦ ଆସିଷ୍ଟ୍‌ର ଐତିହାସିକ ରେକର୍ଡ ଛୁଇଁବାକୁ ଯାଉଛନ୍ତି।

# ପାକିସ୍ତାନର ଆକ୍ରମଣ: ୩ କ୍ରିକେଟରଙ୍କ ମୃତ



ଇସଲାମାବାଦ୍: ଗତ କିଛି ଦିନ ଧରି ପାକିସ୍ତାନ ଏବଂ ଆଫଗାନିସ୍ତାନ ମଧ୍ୟରେ ସାମରିକ ସଂଘର୍ଷ ଚାଲିଛି। ଗତ ସପ୍ତାହରେ ଇସଲାମାବାଦ କାବୁଲରେ ତେହେରିକ-ଏ-ତାଲିବାନ ପାକିସ୍ତାନସ୍ଥାନ ଉପରେ ଆକ୍ରମଣ କରିବା ପରେ ଏହି ସଂଘର୍ଷ ଆରମ୍ଭ ହୋଇଥିଲା। ଅକ୍ଟୋବର ୮ ତାରିଖରୁ ଚାଲିଥିବା ଯୁଦ୍ଧ ପରେ ବୁଧବାର ସନ୍ଧ୍ୟାରେ ଏକ ଯୁଦ୍ଧବିରାମ ପାଇଁ ରାଜି ହୋଇଥିଲା। ତଥାପି, ପାକିସ୍ତାନ ଆଫଗାନିସ୍ତାନ ଉପରେ ବିମାନ ଆକ୍ରମଣ ଆରମ୍ଭ କରିଥିଲା। ପାକିସ୍ତାନୀ ସେନା ପାକତିକା ପ୍ରଦେଶରେ ବାସଗୃହକୁ ଟାର୍ଗେଟ କରି ବିମାନ ଆକ୍ରମଣ କରିଥିଲା, ଯେଉଁଥିରେ ଅନେକ ଯୁବ କ୍ରିକେଟରଙ୍କ ମୃତ୍ୟୁ ହୋଇଥିଲା। ପାକ୍ତିକା ପ୍ରଦେଶରେ ପାକିସ୍ତାନୀ ବିମାନ ଆକ୍ରମଣ ଆଫଗାନିସ୍ତାନ କ୍ରିକେଟ ଜଗତକୁ ଗଭୀର ଦୁଃଖ ଦେଇଛି। ତିନି ଜଣ ସ୍ଥାନୀୟ କ୍ଲବ କ୍ରିକେଟରଙ୍କ ମୃତ୍ୟୁ ହୋଇଥିଲା ଏବଂ ଅନ୍ୟ ଚାରି ଜଣ ଆହତ ହୋଇଥିଲେ। ଏହି ଖେଳାଳିମାନେ ହେଲେ କବୀର, ସିବଘାତୁଲ୍ଲା ଏବଂ ହାରୁନ। ଆହୁରି ପାଞ୍ଚ ଜଣ ପ୍ରାଣ ହରାଇଥିଲେ। ପ୍ରାନ୍ତୀୟ ରାଜଧାନୀ ଶରାଣାରେ ଏକ ସ୍ଥାନୀୟ ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରି ଖେଳାଳିମାନେ ଅରଘୁନ ଜିଲାକୁ ଫେରୁଥିବା ସମୟରେ ଏହି ଘଟଣା ଘଟିଥିଲା। ଆଫଗାନିସ୍ତାନ କ୍ରିକେଟ ବୋର୍ଡ କ୍ଷତି ପାଇଁ ଗଭୀର ଦୁଃଖ ପ୍ରକାଶ କରିଛି ଏବଂ ମୃତ ଖେଳାଳିମାନଙ୍କୁ ଆଫଗାନିସ୍ତାନ କ୍ରିକେଟର 'ତୃଣମୂଳ ସ୍ତରର ହିରୋ' ଭାବରେ ବର୍ଣ୍ଣନା କରିଛି। ଅନ୍ୟପକ୍ଷରେ, ଆଫଗାନିସ୍ତାନ ଷ୍ଟାର ଖେଳାଳିମାନେ ଏହି ଆକ୍ରମଣକୁ ଦୃଢ଼ ନିନ୍ଦା କରିଛନ୍ତି। ପାକ୍ତିକା ବିମାନ ଆକ୍ରମଣରେ ଘରୋଇ ଖେଳାଳିଙ୍କ ମୃତ୍ୟୁ ପରେ ଆଫଗାନିସ୍ତାନ କ୍ରିକେଟ ବୋର୍ଡ ପାକିସ୍ତାନ ଏବଂ ଶ୍ରୀଲଙ୍କା ସହିତ ତ୍ରି-ସିରିଜରେ ଅଂଶଗ୍ରହଣ ବାତିଲ କରିବାକୁ ନିଷ୍ପତ୍ତି ନେଇଛି। ଏହି ତ୍ରି-ଟି-୨୦ ସିରିଜ ନଭେମ୍ବରରେ ଅନୁଷ୍ଠିତ ହେବାର ଥିଲା।

ଆପଣଙ୍କର ଅଞ୍ଚଳର ଖବର କିମ୍ବା ନିଜର ଆଲେଖ୍ୟ ନିମ୍ନଲିଖିତ ଇ-ମେଲ୍‌ରେ ପଠାଇପାରିବେ।
ଯୋଗାଯୋଗ -
ରଣଜିତ୍ ପଟ୍ଟନାୟକ
ମୁଖ୍ୟ ପ୍ରତିନିଧି
Email:
mediatejaswini@gmail.com

TARIFF
Full Page B/W-10000
Half Page B/W-5000
Quarter Page B/W- 2500

Printed, Published & Owned by **Prof.Jatindra Nath Das** Bhubaneswar -751002, Dist.- Khordha, Orissa, Published at Plot No.: A/8, Bijaya Vihar, Nuagao P.o Sisupalgarh, Bhubaneswar-751002 Ph : 9937307725, Email: mediatejaswini@gmail.com
**Printed at :** Chandan Printers, Plot No.-3, Gopabandhu Chhak, Unit-8, Bhubaneswar, Odisha
**Editor : Sanja Sameer Mohapatra, ସମ୍ପାଦକ : ସଞ୍ଜ ସମୀର ମହାପାତ୍ର**